୬ ଲର୍ଡସ ବିଜୟ ସତ୍ତ୍ୱେ ୨ ଡବ୍ଲୁଟିସି ପଏଣ୍ଟ ହରାଇଲା ଇଂଲଣ୍ଡ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୯ ● ୧୭ ଜୁଲାଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-169 ●17th July 2025, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୧୩ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ

# ୫ ବର୍ଷ ପାଇଁ ବଢ଼ିଲା ଜରୁରୀକାଳୀନ ପ୍ରଶମନ ସହାୟତା

ଭୁବନେଶ୍ୱର, ୧୬।୭

ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ୧୧ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ପ୍ରସ୍ତାବ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଏକ ନୂତନ ପୋଲିସ ଜିଲ୍ଲା ଖୋଲିବା । ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା ଡାଏଲ୍-୧୧୨ ଯୋଜନାକୁ ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ ମିଳିଛି । ୫ ବର୍ଷ ପାଇଁ ଏହି ଯୋଜନାରେ ମୋଟ ୨୨୬୦,୮୯ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହା ଅଧୀନରେ ନୂଆକରି ୪,୧୯୫ଟି ନୂତନ ପଦବୀ ସୃଷ୍ଟି ହେବ । ଏହା ଦ୍ୱାରା ଜରୁରୀ ସେବା ଅଧିକ ସୁଦୃଢ଼ ହୋଇପାରିବ । ଏହି ଜାତୀୟ ଜରୁରୀକାଳୀନ ପ୍ରତିକ୍ରିୟା ପ୍ଲାଟଫର୍ମ ପୋଲିସ, ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ଭଳି ସେବାଗୁଡ଼ିକୁ ଏକୀକୃତ କରି ନାଗରିକଙ୍କ ବିପଦ ସମୟରେ ଦ୍ରୁତ ସହାୟତା ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛି ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଶିକ୍ଷା କ୍ଷେତ୍ରରେ କ୍ୟାବିନେଟ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ତଦନୁସାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ମାସିକ ହଷ୍ଟେଲ ଫି ୨,୦୦୦ (ପୃଷ୍ଠା ୭ରେ)

## ପିଏମ୍ ଧନ-ଧାନ୍ୟ କୃଷି ଯୋଜନାକୁ ମିଳିଲା କ୍ୟାବିନେଟ ମଞ୍ଜୁରୀ

# ପ୍ରତିବର୍ଷ ଖର୍ଚ୍ଚ ହେବ ୨୪୦୦୦ କୋଟି

ନୂଆଦିଲ୍ଲୀ, ୧୬।୭




କେନ୍ଦ୍ର କ୍ୟାବିନେଟ ୩୬ ଟି ଯୋଜନାକୁ ମିଶ୍ରଣ କରି ପ୍ରତିବର୍ଷ ୨୪,୦୦୦ ଟଙ୍କା ବ୍ୟୟବରାଦ ସହିତ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି । ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ନବୀକରଣୀୟ ଶକ୍ତିରେ ନିବେଶ ପାଇଁ ଏନ୍‌ଏଲ୍‌ସିଆଇଏଲ୍ ପାଇଁ ସରକାର ୭,୦୦୦କୋଟି ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ, ନବୀକରଣୀୟ ଶକ୍ତିରେ ନିବେଶ ପାଇଁ ଏନ୍‌ଟିପିସିକୁ ୨୦,୦୦୦ କୋଟି ଟଙ୍କା ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି ।

ଛଅ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଅଧୀନରେ ପ୍ରତିବର୍ଷ ୨୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ଏହା ୧୦୦ଟି ଜିଲ୍ଲାକୁ କଭର କରିବ । କେନ୍ଦ୍ର ବଜେଟରେ ଘୋଷଣା କରାଯାଇଥିବା ଏହି କାର୍ଯ୍ୟକ୍ରମ ୩୬ଟି ବିଦ୍ୟମାନ ଯୋଜନାକୁ ଏକୀକୃତ କରିବ ଏବଂ ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବାରେ ସାହାଯ୍ୟ କରିବ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଅମଳ ପରବର୍ତ୍ତୀ ସଂରକ୍ଷଣ ବୃଦ୍ଧି କରିବ, ଜଳସେଚନ (ପୃଷ୍ଠା ୭ରେ)

# ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର, ୧୬।୭

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ସବ୍‌କମିଟିର ପ୍ରଥମ ବୈଠକ ବୁଧବାର ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ସବ କମିଟି ଗଠନ କରାଯାଇଥିଲା ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି ।

ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ଏହି ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି । ଏଥି (ପୃଷ୍ଠା ୭ରେ)

## ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୭

ନ୍ୟୁଜ୍ ବ୍ୟୁରୋ

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପୁଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ କରିବ । କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଆଇଜି ଏସ. ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଡ଼ିଏସପି ଇମାନ କଲ୍ୟାଣ ନାୟକଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ ଏହି ମାମଲାର ତଦନ୍ତ କରିବେ ବୋଲି ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଜେଡିର ଲୋକସେବା ଭବନ ଘେରାଉ, ପୋଲିସ ସହ ଧସ୍ତାଧସ୍ତି : ନବୀନଙ୍କ ନିନ୍ଦା

ଭୁବନେଶ୍ୱର, ୧୬।୭ : ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଏଫ୍‌ଏମ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ବିଜେଡି ଲୋକସେବା ଭବନ ଘେରାଉ କରିଛି । ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ନ୍ୟାୟିକ ତଦନ୍ତ ଦାବିରେ ବିଜେଡି ପକ୍ଷରୁ ବୁଧବାର (ପୃଷ୍ଠା ୭ରେ)

## ବିଜେଡିର ବାଲେଶ୍ୱର ବନ୍ଦ

ବାଲେଶ୍ୱର, ୧୬।୭ : ନ୍ୟୁଜ୍ ବ୍ୟୁରୋ

ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଫଳରେ ଦୁଃଖଦ ମୃତ୍ୟୁ ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ବାଲେଶ୍ୱର ବନ୍ଦ ପାଳନ କରାଯାଇଛି । ଏହି ବନ୍ଦ ପାଳନର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ବନ୍ଦ ଫଳରେ ସହରର ସାଧାରଣ ଜନ (ପୃଷ୍ଠା ୭ରେ)

# ୨୦୨୫-୨୬ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

## ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ

ଭୁବନେଶ୍ୱର, ୧୬।୭ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାର ସୁଯୋଗ ଦେବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ବୁଧବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସର ଅଡିଟୋରିୟମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୫-୨୬ର ଲାଭ ନେବା ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହି ଯୋଜନା ସମ୍ବନ୍ଧୀୟ ସମସ୍ତ ବିବରଣୀ ସାମ୍ବାଦିକମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓ ଆଇଆରସିଟିସିର ଯୁଗ୍ମ ସାଧାରଣ ପରିଚାଳକ କ୍ରାନ୍ତି ସବରକର ମଧ୍ୟ ଉପସ୍ଥିତ ଥିଲେ ।

ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ, ଇଣ୍ଡିଆନ ରେଲୱେ କ୍ୟାଟରିଂ ଏବଂ ଟୁରିଜିମ କର୍ପୋରେସନର ସହଭାଗିତାରେ ଏହାକୁ କାର୍ଯ୍ୟକାରୀ (ପୃଷ୍ଠା ୭ରେ)

## ଏକାଳ ପଖାଳ



କର ଆନ୍ଦୋଳନ କର ପ୍ରତିବାଦ
କି...ଦୋଷ ଲଦାଲଦି ହୁଅ
ନିର୍ଦ୍ଦୋଷକୁ କିନ୍ତୁ ଯେଉଁବି ପ୍ରକାରେ
ମିଳିବାର ଟିକେ ନ୍ୟାୟ
ଯାକୁ ନେଇ..ରାଜନୀତି ହାୟ
ନୀରିହ ଜୀବନ ଦୀପ ଲିଭିଗଲା
ସେଥିପାଇଁ କିଏ ଦାୟ ?

# ଆଜି କଂଗ୍ରେସର ଓଡ଼ିଶା ବନ୍ଦ ଆନ୍ଦୋଳନ

## ଭୁବନେଶ୍ୱର-କଟକକୁ ଜଗିବ ଡ୍ରୋନ୍-ଏଆଇ କ୍ୟାମେରା

ଭୁବନେଶ୍ୱର, ୧୬।୭ : ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ପାଇଁ ଦିଆଯାଇଥିବା ଡାକରା ପରିପ୍ରେକ୍ଷୀରେ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୁଲିସ କମିଶନର ଏସ ଦେବଦତ୍ତ ସିଂ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ବନ୍ଦ ପାଳନ ବେଳେ ରାଜଧାନୀ ଭୁବନେଶ୍ୱର ଓ କଟକର ବିଭିନ୍ନ ଛକ, ବଜାର, ସରକାରୀ କାର୍ଯ୍ୟାଳୟ ସବୁଠି ପୁଲିସ ମୁତୟନ ହେବେ । ଆଇନ୍ ଖିଲାପକାରୀଙ୍କ ଉପରେ ନଜର (ପୃଷ୍ଠା ୭ରେ)

## ଆଜି ରାଜ୍ୟରେ ବନ୍ଦ ରହିବ ସମସ୍ତ ପେଟ୍ରୋଲ ପମ୍ପ

ଭୁବନେଶ୍ୱର, ୧୬।୭ : ନ୍ୟୁଜ୍ ବ୍ୟୁରୋ

ଗୁରୁବାର କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ପେଟ୍ରୋଲ ଡିଲର ସଂଘ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ସକାଳ ୬ରୁ ସନ୍ଧ୍ୟା ୬ ଯାଏଁ ପେଟ୍ରୋଲ ପମ୍ପ ବନ୍ଦ ରହିବ ।

# ମୃତ୍ୟୁ ପରେ ବି ଆଧାର ସକ୍ରିୟ !




ନୂଆଦିଲ୍ଲୀ, ୧୬।୭

ଭାରତରେ ଆଧାର କାର୍ଡର ପ୍ରଚଳନ ୧୪ ବର୍ଷ ତଳୁ ଆରମ୍ଭ ହୋଇଛି । ଏହି ୧୪ ବର୍ଷ ମଧ୍ୟରେ କୋଟି କୋଟି ଲୋକ ସେମାନଙ୍କ ଆଧାର କାର୍ଡ କରିଛନ୍ତି । ସେହିପରି ୧୪ ବର୍ଷ ମଧ୍ୟରେ ଲକ୍ଷାଧିକ ଲୋକ ପ୍ରାଣ ମଧ୍ୟ ହରାଇଛନ୍ତି । ହେଲେ ୟୁଆଇଡିଏଆଇ କେବଳ ୧.୧୫ କୋଟି ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି । ମୃତ୍ୟୁ ପରେ ବି ଲକ୍ଷାଧିକ ଲୋକଙ୍କ ଆଧାର ନମ୍ବର ସକ୍ରିୟ ରହିଛି ।

ଦେଶର ମୃତ୍ୟୁହାର ତୁଳନାରେ ନିଷ୍କ୍ରିୟ ହୋଇଥିବା ଆଧାର ନମ୍ବର ଯଥେଷ୍ଟ କମ ବୋଲି ସୂଚନା ଅଧିକାର ଆଇନ ବଳରେ ସ୍ପଷ୍ଟ ହୋଇଛି । ଆରଟିଆଇ ବଳରେ ମିଳିଥିବା ତଥ୍ୟ ଅନୁସାରେ, ୨୦୨୫ ଜୁନ ସୁଦ୍ଧା ଭାରତରେ ୧୪୨.୩୯ କୋଟି ଆଧାର କାର୍ଡଧାରୀ ରହିଛନ୍ତି । ୟୁନାଇଟେଡ ନେସନ୍ସ ପପୁଲେସନ ଫଣ୍ଡର ତଥ୍ୟ କହୁଛି ୨୦୨୫ ଏପ୍ରିଲ ସୁଦ୍ଧା ଦେଶର ଜନସଂଖ୍ୟା ୧୪୬.୩୯ କୋଟି ।

ଅନ୍ୟପକ୍ଷରେ ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମ(ସିଆରଏସ୍)ର ତଥ୍ୟ କହୁଛି ଯେ ଭାରତରେ ପ୍ରତିବର୍ଷ ହାରାହାରି ୮୩.୫ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି । ୨୦୦୭ରୁ ୨୦୧୯ ଯାଏ ଏପରି ଟ୍ରେଣ୍ଡ ରହିଥିଲା । (ପୃଷ୍ଠା ୭ରେ)




31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଜୁଲାଇ, ଗୁରୁବାର ୨୦୨୫





# ନାମଲେଖା ବେଳେ ଛାତ୍ରଛାତ୍ରୀଙ୍କ ଠାରୁ ଅତିରିକ୍ତ ଶୁଳ୍କ ଅସୁଲି ନେଇ ଅଭିଭାବକଙ୍କ ବଢୁଛି ଅସନ୍ତୋଷ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଷଣ୍ଢପଥର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୭ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଠାରୁ ଟ୍ରାନ୍ସଫର୍ ସାର୍ଟିଫିକେଟ (ଟିସି) ପାଇଁ ୫ ଶହ ଏବଂ ପିକ୍‌ନିକ୍ ଯିବା ପାଇଁ ୫ ଶହ ଟଙ୍କା ନେବା ପରେ ଏବେ ଉଚ୍ଚ ମାଧ୍ୟମିକ ସ୍କୁଲ (ଯୁକ୍ତଦୁଇ) ବିଜ୍ଞାନ ପ୍ରଥମ ବର୍ଷ ନାମଲେଖା ପାଇଁ ସରକାରୀ ଧାର୍ଯ୍ୟ ଶୁଳ୍କ ଠାରୁ ଅତିରିକ୍ତ ୫ ଶହ ଟଙ୍କା ଅଧିକ ନେଉଥିବା ଜଣାପଡ଼ିଛି । ଜିଲ୍ଲାର ଗରିବ ଆଦିବାସୀ ଓ ହରିଜନ ବର୍ଗର ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ବେଆଇନ୍ ଭାବେ ଅତିରିକ୍ତ ଟଙ୍କା ଅସୁଲି ହେଉଛି । ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଚିଠି ନଂ ୫୬୦୭/ ତାରିଖ ୨୧/୦୫/୨୦୨୪ ଆଦେଶ ଅନୁଯାୟୀ, ରାଜ୍ୟର ଅଗଣିତ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ମାତ୍ର ୯୮୦ ଟଙ୍କା ଓ ଅନ୍ୟ ବୋର୍ଡ ଛାତ୍ରଛାତ୍ରୀଙ୍କ ପାଇଁ ଏକ ହଜାର ଟଙ୍କା ଶୁଳ୍କ ନେବାକୁ ସରକାର୍ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରିଥିବା ବେଳେ ଜିଲ୍ଲା ମଙ୍ଗଳ ବିଭାଗ ପରିଚାଳିତ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ସ୍କୁଲ୍ ରେ ସରକାରୀ ଆଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରି ଗରିବ ପିଲାଙ୍କ ଠାରୁ ଜାଣିଶୁଣି ଅତିରିକ୍ତ ଟଙ୍କା ଅସୁଲି କରୁଛନ୍ତି । ଏଠାରେ ଯୁକ୍ତଦୁଇ ପ୍ରଥମ ବର୍ଷରେ ନାମ ଲେଖାଇ ଥିବା ଗରିବ ଆଦିବାସୀ ଓ ହରିଜନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଠାରୁ ୧୪୫୦ ଟଙ୍କା ରୁ ୧୫ ଶହ ଟଙ୍କା ଅସୁଲି କରାଯାଇଛି । ଏହି ସ୍କୁଲ୍‌ରେ ମନମୁଖୀ ଭାବେ ସରକାରୀ ନିୟମ ଉଲ୍ଲଂଘନ କରି ନାମ ଲେଖା ପାଇଁ ଆବେଦନ ଫର୍ମ ପିଛା ଅତିରିକ୍ତ ୫୦ ଟଙ୍କା ଲେଖାଏଁ ଅସୁଲି ହୋଇଛି । ଏହାକୁ ନେଇ ଗରିବ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ନୂତନ ପ୍ରିନ୍ସିପାଲ କାର୍ଯ୍ୟରେ ଯୋଗ ଦେବା ଦିନ ଠାରୁ ସ୍କୁଲ୍‌ରେ ନିୟମ ବିପରୀତ କାର୍ଯ୍ୟ ଚାଲିଥିବା ବେଳେ ଗରିବ ଆଦିବାସୀ ଓ ହରିଜନ ଶ୍ରେଣୀର ଛାତ୍ରଛାତ୍ରୀମାନେ ଶୋଷିତ ହେଉଥିବା ଅଭିଯୋଗ ହେଉଛି । ଏହି ବିଭାଗ ଦ୍ୱାରା ପରିଚାଳିତ ଅନ୍ୟ ଏକ ଅର୍ଦ୍ଧାବାହାଲ ସରକାରୀ ଉଚ୍ଚମାଧ୍ୟମିକ ସ୍କୁଲ୍‌ରେ କିନ୍ତୁ ସରକାରୀ ନିୟମ ଅନୁଯାୟୀ ମାତ୍ର ଏକ ହଜାର ଟଙ୍କା ନାମ ଲେଖା ପାଇଁ ଶୁଳ୍କ ନିଆଯାଉଛି । ତେଣୁ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ସ୍କୁଲରେ ଭାରପ୍ରାପ୍ତ ଅଧକ୍ଷାଙ୍କ ନିର୍ଦ୍ଦେଶରେ ଗରିବ ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକଙ୍କୁ ହେଉଥିବା ଏହି ଅନ୍ୟାୟ ଓ ଶୋଷଣର ପ୍ରତିକାର ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କମିଶନରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ପୋଲ ଭୁଶୁଡ଼ିଲା : ଯାତାୟାତ ଠପ୍

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ବ୍ଲକର ବେହେରା ପାଟଣାରୁ କୁସିକୁ ସଂଯୋଗ କରୁଥିବା ବୈତରଣୀ ନଦୀରେ ବେଲେଶ୍ୱର ପୋଲ ଭାଙ୍ଗି ଯାଇଥିବାରୁ ଯାନବାହାନ ଓ ସାଧାରଣ ଲୋକଙ୍କର ଜିଲ୍ଲାରେ ଗମନା ଗମନ ଗୁରୁତର ଅବସ୍ଥା ସୃଷ୍ଟି ହୋଇଛି । ୨୦୧୪ ମସିହାରେ ୧୭ କୋଟି ଟଙ୍କା ବ୍ୟୟରେ ବେଲେଶ୍ୱର ଠାରେ ନିର୍ମାଣ ହୋଇଥିବା ପୋଲ ହଠାତ୍ ଭୁଶୁଡି ପଡ଼ିବା ଫଳରେ ସମଗ୍ର ଯାଜପୁର ଅଞ୍ଚଳରେ ଗମନାଗମନର ଅଚଳାବସ୍ଥା ସୃଷ୍ଟି ହୋଇଛି । ଯାଜପୁର ଜିଲ୍ଲାରେ ଅବୈଧ ଚୋରାବାଲି କାରବାର ଏହି ପୋଲ ଭୁଶୁଡିବାରେ ମୁଖ୍ୟ କାରଣ । ଗତକିଛି ବର୍ଷ ପୂର୍ବରୁ ବୈତରଣୀ ନଦୀ ଉପରେ ରୋଡ଼ିଆ ଠାରେ ନିର୍ମିତ ପୋଲ ଭୁଶୁଡ଼ି ପଡ଼ିଥିଲା । ଏହାର ମୁଖ୍ୟ କାରଣ ବାଲି ମାଫିଆମାନେ ନିର୍ମିତ ପୋଲର ପିଲରର ଅତିନିକଟରୁ ବାଲି ତାଡ଼ି ନେବା ଫଳରେ ପିଲର ଦୁର୍ବଳ ହୋଇ ଭୁଶୁଡି ପଡୁଛି । ସରକାର ତୁରନ୍ତ ଏ ସଂପର୍କର ଅନୁଧାନ କରି ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୋଲର ପୁନଃନିର୍ମାଣ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି ।

# ଲୋକେ ହନ୍ତସନ୍ତ : କାଦୁଅ ରାସ୍ତାରେ ରୋଇଲେ ଧାନଗଛ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



ପ୍ରକୃତରେ ବିକାଶ ଏହି ଅଞ୍ଚଳ ପାଇଁ ବାଟ ଭୁଲିଛି । କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ପ୍ରଶାସନ ଅନେକ ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସଂପୂର୍ଣ୍ଣ ଭାବେ ବଞ୍ଚିତ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିବା ବେଳେ ଗତ କିଛିଦିନ ଧରି ହେଉଥିବା ଲଗାଣ ବର୍ଷା ଫଳରେ ବାସ୍ତବ ରୂପ ଲୋକଲୋଚନକୁ ଆସିଛି ।

ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ପରମପାଙ୍ଗା ଠାରୁ ସୁକୁଙ୍ଗିଆ-ପାଙ୍ଗୁରମିଳା ହୋଇ ବରିକିଆକୁ ରାସ୍ତା କାର୍ଯ୍ୟ ଚାଲିଥିବା ସ୍ଥଳେ କାଦୁଅ ପଚପଚ ଅଧପନ୍ତରିଆ ରାସ୍ତାକୁ ଅତିଷ୍ଠ ହୋଇ ଚାଷ ଜମି କରିବାକୁ ବାଧ ହେଲେ ଗ୍ରାମବାସୀ । ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଶହ ଶହ ଅଧିବାସୀ ଏହି କାଦୁଅ ପଚ ପଚ ରାସ୍ତା ଉପରେ ଧାନଗଛ ରୋଇ ଜିଲ୍ଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ଏବଂ ସରକାରଙ୍କୁ ଚେତେଇ ଦେଇଛନ୍ତି । ମାସ ମାସ ଧରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ବାଲିଗୁଡ଼ା ବ୍ଲକର ପରମପାଙ୍ଗା ପଞ୍ଚାୟତ ସୁକିଙ୍ଗିଆ ପାଙ୍ଗୁରୁମିଳା ଗାଁ ଲୋକଙ୍କ ଦୁର୍ଦ୍ଦଶା । ଲଗାଣ ବର୍ଷାରେ ପରମପଙ୍ଗା ପଞ୍ଚାୟତରୁ ସୁକୀଙ୍ଗିଆ ହୋଇ ବାରିକିଆ ରାସ୍ତାରେ ଏକ ପୋଲ ନିର୍ମାଣାଧିନ ଅବସ୍ଥାରେ ଅଧପନ୍ତରିଆ ହୋଇ ପଡ଼ି ରହିଛି ଯାହା ଫଳରେ ସେହି ଅଞ୍ଚଳବାସୀ ଗମନା ଗମନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାହିଁକି ନା ପୋଲ ନିର୍ମାଣ କରୁଥିବା ଠିକା ସଂସ୍ଥାର ମାଲ୍ ବୁହା ଗାଡ଼ି, ଟ୍ରକ୍, ଟାକ୍‌ଟର ଓ ଜେସିବି ପ୍ରତ୍ୟେକ ଦିନ ଯିବା ଆସିବା କରୁଛି ଯାହା ଫଳରେ ସେହି ମାଟି ରାସ୍ତା ଖାଲ ଖମା ହୋଇ କାଦୁଅ ପଚପଚ ହୋଇଛି । ସ୍କୁଲ କଲେଜ ପିଲାଠୁ ଆରମ୍ଭ କରି ଜରୁରୀ କାଳୀନ ପରିସ୍ଥିତି ଯିବା ଆସିବା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ । ବର୍ତ୍ତମାନ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନ ଅଭିଯୋଗ କରିଛନ୍ତି ଯେ ତୁରନ୍ତ ସେହି ଅଞ୍ଚଳ ରାସ୍ତା ସ୍ଥିତିକୁ ତଦନ୍ତ କରି ଲୋକଙ୍କ ସମସ୍ୟା ସମାଧାନ କରନ୍ତୁ ନଚେତ୍ ଆଗାମୀ ଦିନରେ ବାଧ ହୋଇ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲେଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ୬ଟି ଶ୍ରେଣୀର ପାଠପଢ଼ା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ପାଟଣାଗଡ଼ ବ୍ଲକ ଦାବକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ୬ଟି ଶ୍ରେଣୀର ପାଠ ପଢୁଛନ୍ତି ଛାତ୍ର-ଛାତ୍ରୀ । ଏନେଇ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ମାନେ ବାରମ୍ବାର ଶିକ୍ଷା ବିଭାଗ ଓ ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପ୍ରାଥମିକ ବିଦ୍ୟାଳୟଟି ଅଞ୍ଚଳର ଏକ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ର-ଛାତ୍ରୀଙ୍କ ପାଠପଢ଼ିବା ପାଇଁ ସୁବିଧା ରହିଛି । ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାର ନୂତନ ଭାବେରେ ଶିଶୁ ବାଟିକାକୁ ସଂଯୋଗ ଅଧ୍ୟୟନ କରିଛନ୍ତି । ତେବେ ସ୍କୁଲରେ ମାତ୍ର ଦୁଇଟି ଶ୍ରେଣୀ ଗୃହ ଥିବାରୁ ପୂର୍ବରୁ ମଧ୍ୟ ପାଠପଢ଼ାରେ ବ୍ୟାଘାତ ହେଉଥିଲା । ଗୋଟିଏ ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ବର୍ତ୍ତମାନ ତାହା ବର୍ଷା ଯୋଗୁ ଭୁଶୁଡି ପଡ଼ିଛି । ବର୍ତ୍ତମାନ ସ୍କୁଲ ପରିସରରେ ଥିବା ଗୋଟିଏ ଶ୍ରେଣୀ ଗୃହରେ ୬ ଗୋଟି ଶ୍ରେଣୀର ଛାତ୍ରଛାତ୍ରୀମାନେ ଏକାଠି ବସି ପାଠ ପଢୁଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ଏକ ଛୋଟ କୋଠରି ଭିତରେ ୬ଟି ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଥିବା ବେଳେ ପାଠପଢାରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଶିକ୍ଷକମାନେ ଅଭିଯୋଗ ଆଣିଛନ୍ତି । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଅଧିକାରୀ ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଅନୁରୋଧ କରିଛନ୍ତି ।

## ବନ୍ୟା ଜଳରେ ବୁଡ଼ିଲା ଧାନ ଫସଲ : ଚିନ୍ତାରେ ଚାଷୀ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଛି । ଏପଟେ ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରବେଶ କରିଛି । ବର୍ଷା ଓ ବନ୍ୟାଜଳରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଗେଙ୍ଗୁଟି ଓ କେଲୁଅ ନଦୀ ଅବବାହିକାରେ ଥିବା ଜମି ଏବେ ପାଣି ଘେରରେ ବୁଡ଼ିରହିଛି । ଫଳରେ ଚାଷ ଜମି ଉପରେ ୪ରୁ ୫ଫୁଟ ପାଣି ମାଡ଼ିଯାଇଛି । ଚାଷୀ ବୁଣିଥିବା ଧାନ ପାଣିରେ ବୁଡ଼ିଯିବା ଫଳରେ ବ୍ୟାପକ କ୍ଷତି ହେବା ସମ୍ଭାବନା ରହିଛି । ଚାଷୀ ବିଭିନ୍ନ ଉପାୟରେ ଧାର କରଜ ଆଣି ଚାଷ କାମ କରି କ୍ଷେତରେ ବିଭିନ୍ନ କିସମର ଧାନ ଚାଷ କରିଥିଲେ । ଏବେ ଚାଷ ଜମିରେ ପାଣି ମାଡ଼ିଯିବା ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଏହି ବ୍ଲକର ମଝିପଡ଼ା ପଞ୍ଚାୟତ ବନମାଳୀପୁର ନଦୀପଠା, ମଝିପଡ଼ା, ଚଣ୍ଡିଆ, ଉଦୟଗିରି, ଗୋପାଳପୁର ଓ ତେଲିପାଳ ପାଟ ଏବେ ବନ୍ୟା ଜଳରେ ବୁଡ଼ି ରହିଛି । ବଡ଼ଗେଙ୍ଗୁଟି ଓ କେଲୁଅ ନଦୀରେ ବନ୍ୟାଜଳ ଆସିବା ଯୋଗୁଁ ବିଭିନ୍ନ ସୁଇଜ୍ ଗେଟ୍ ଓ ହ୍ୟୁମ୍ ପାଇପ୍ ଦେଇ ଚାଷ ଜମିକୁ ପ୍ରବେଶ କରିଛି । ବୁଣିଥିବା ଧାନ ଗଛ ଦୁଇ ତିନି ଦିନ ହୋଇଥିବା ବେଳେ ଏବେ ବନ୍ୟାଜଳ ରହିବା ଫଳରେ ଧାନ ଗଛ ମରିବା ଯିବା ସମ୍ଭାବନା ରହିଛି । ଶହଶହ ଏକର ଜମି ବହୁ ଦିନ ହେବ ବୁଡ଼ି ରହିଥିବାରୁ ଏବେ କିପରି ଅମଳ କରି ଆଣିଥିବା କରଜ ଶୁଝିବେ ତାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଯାଇଛି ।

## ବାଲି ମାଫିଆଙ୍କ ଦୌରାତ୍ମ୍ୟ : ଭାଙ୍ଗିଦେଲେ ୩ଶହ ମିଟର ଡାଇଭର୍ସନ କାମ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ଷଠିପୁର ଠାରୁ ବୈତରଣୀ ରୋଡ୍ ପର୍ଯ୍ୟନ୍ତ ରାସ୍ତା ଦୋହରୀ କରଣ କାମ ଚାଲିଛି । ପୂର୍ତ୍ତ ବିଭାଗ ଅଧିନରେ ଏହି କାମ କରାଯାଉଛି । ହେଲେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହେଉନଥିବା ବେଳେ ବିଭିନ୍ନ ଦାବି ଉଠିଥିଲା । କିନ୍ତୁ କାମ ବିଳମ୍ବ ହେଲେ ବି ବିଧାୟକ ଆକାଶ ଦାସ ନାୟକଙ୍କ ତାଗିଦ ପରେ କାମ ଚାଲୁ କରାଯାଇଥିଲା । ହେଲେ କାମ ଆରମ୍ଭ କରାଗଲା ବେଳେ ବାଧକ ସାଜିଛନ୍ତି ବାଲି ମାଫିଆ । ରାସ୍ତା ମଝିରେ ହୋଇଥିବା ୩ଶହ ମିଟର ସିମେଣ୍ଟ ଡାଇଭରସନକୁ ବାଲି ଗାଡ଼ି ଯାତାୟତ ପାଇଁ ଭାଙ୍ଗି ଦେଇଛନ୍ତି । ଗତ ଜୁନ୍ ୨୪ ତାରିଖ ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ଏକ ଚିଠି ୫୧୯୩ରେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଚିଠି ପ୍ରଦାନ କରାଯାଇଥିଲା । ଯେଉଁଥିରେ ଦର୍ଶାଯାଇଥିଲା ଯେ, ବୈତରଣୀ ନଦୀର ଶାଳବା, ମକୁନ୍ଦପୁର ଓ କଣ୍ଟାବଣିଆ ଘାଟରୁ ବାଲି ଭାରିଯାନ ଆସୁଥିବା ବେଳେ ସେମାନେ ବହୁଳ ମାତ୍ରାରେ ରାସ୍ତା ଉପରେ ପାର୍କିଂ କରୁଛନ୍ତି । ଲୋଡ୍ ପାଇଁ ମଧ ଯିବାକୁ ଶହ ଶହ ଗାଡ଼ି ପାର୍କିଂ କରୁଛନ୍ତି, ଯାହା ଫଳରେ ନିର୍ମାଣଧିନ ରାସ୍ତା ନଷ୍ଟ ହେବା ସହ କାମ କରିବାରେ ବାଧା ଉପୁଜୁଛି । ତୁରନ୍ତ ପାଣିକୋଇଲି ଥାନାଧିକାରୀଙ୍କ ଜରିଆରେ ବାଲି ଗାଡ଼ି ବନ୍ଦ କରିବାକୁ ଲେଖାଯାଇଥିଲା । କିନ୍ତୁ ବାଲି ଗାଡ଼ି ବନ୍ଦ କରାଯାଉନାହିଁ, ଯାହା ଫଳରେ ରାସ୍ତା କାମ ଅଗ୍ରଗତିରେ ବାଧକ ସାଜିବା ସହ ରାସ୍ତା କାମ ନଷ୍ଟ ହୋଇଯାଉଛି । ବିଭାଗ ପୁଲିସକୁ ଜଣାଇଥିଲେ ବି ଅବଧି କୌଣସି ସୁଫଳ ମିଳିନାହିଁ, ଯାହା ଫଳରେ ୩ ଶହ ମିଟର ମଝି ଡାଇଭରସନକୁ ଭଙ୍ଗାଯାଇ ବାଲି ଚାଲାଣ କରାଯାଉଛି । ଫଳରେ ଏହି ରାସ୍ତା କିପରି ହୋଇପାରିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି । ସୂଚନାଯୋଗ୍ୟ ଯେ, ଏହି ରାସ୍ତାଟି ପୂର୍ବରୁ ୧୮ ଫୁଟ ରାସ୍ତା ଥିଲା । ଏବେ ଏହାର ଦୋହରୀକରଣ କରାଯାଇ ୫୦ ଫୁଟିଆ ରାସ୍ତା କରାଯାଉଛି । ରାସ୍ତାଟିକୁ ମଝିରୁ ଦୁଇଭାଗ କରାଯିବାକୁ ଠିକ୍ କରାଯାଇଛି । ହେଲେ ଏବେ ମଝିରେ ସିମେଣ୍ଟ ତିଆରି ଡାଭରସନକୁ ଜାଣିଶୁଣି ଭାଙ୍ଗି ଦିଆଯାଇଛି । ଏପରିସ୍ଥଳେ କେବେ କାମ ସରିବ ତାହା ଆକଳନ କରିବା ସମ୍ଭବ ନୁହେଁ । ଅପରପକ୍ଷେ ଏହି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ବାଲି ଭାରୀଯାନ ଚଳାଚଳ ଓ ରାସ୍ତା ଉପରେ ଭାରୀଯାନ ରଖିବା ରାସ୍ତା ଦୁରାବସ୍ଥାର ଏକ ପ୍ରମୁଖ କାରଣ ପାଲଟିଛି ।

## ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ପରିବାର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଓରାଳି ଗ୍ରାମର ଏକ ପରିବାର ମରଣାନ୍ତକ ଆକ୍ରମଣର ଶିକାର ହେବା ପରେ ତିହିଡ଼ି ଥାନାରେ କରିଥିବା ଅଭିଯୋଗରେ ପୋଲିସ ପଦକ୍ଷେପ ନ ନେବାରୁ ପରିବାର ଏସ୍‌ପିଙ୍କୁ ଭେଟି ତିହିଡ଼ି ପୋଲିସ ବିରୁଦ୍ଧରେ ଅଭିଯୋଗ କରିବା ସହିତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି । ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୯ ତାରିଖରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ସୁନିତା ବେହେରା, ଜୟନ୍ତୀ ବେହେରା ଅନ୍ୟକିଛି ଲୋକଙ୍କ ସହିତ ମିଶି ପୂର୍ବ ଶତ୍ରୁତା କାରଣରୁ ଗାୟତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଗାୟତ୍ରୀ ଗୁରୁତର ଆହତ ହୋଇ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି ହେବା ସହିତ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସିଥିବା ବେଳେ ଅଭିଯୁକ୍ତମାନେ ଖୁଲମ୍‌ଖୁଲା ବଜାରରେ ଘୁରି ବୁଲିବା ସହିତ ପୀଡ଼ିତାଙ୍କ ପରିବାରକୁ ନାନା ପ୍ରକାର ଧମକ ଦେଉଛନ୍ତି । ଏ ନେଇ ତିହିଡ଼ି ଥାନାକୁ ଅବଗତ କରାଯାଉଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉନାହିଁ । ଯାହା ଫଳରେ ଗାୟତ୍ରୀ ପରିବାର ସହିତ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ତିହିଡ଼ି ପୋଲିସର ଟାଳଟୁଳ ନୀତି ବିରୁଦ୍ଧରେ ଅବଗତ କରାଇବା ସହିତ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି । ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।

# ଡଙ୍ଗରିଆଙ୍କ ମେଳି : ପୁନର୍ବାର ଗ୍ରାମସଭାକୁ ବିରୋଧ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତ ନିୟନ୍ତିତ ବଜାର ଠାରେ ନିୟମଗିରି ପାହାଡ଼ରେ ଥିବା ସମସ୍ତ ଡଙ୍ଗରିଆ କନ୍ଧଙ୍କ ମେଳି ହୋଇଥିବା ଦେଖିବାକୁ ମିଳିଛି । ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ନିୟମଗିରି ପାହାଡ଼ରେ ଥିବା ୧୧୨ ଖଣ୍ଡ ପଦରର ଦୁଇ ତିନି ଜଣ ଲେଖାଏଁ ଡଙ୍ଗରିଆ ମାନେ ଏକତ୍ରିତ ହୋଇଥିଲେ । ଏଥିରେ ପ୍ରତ୍ୟେକ ଗ୍ରାମରେ ଜଣେ ଦୁଇ ଜଣଙ୍କୁ ନେଇ କମିଟି ଗଠନ କରାଯାଇଛି । ସେହିମାନଙ୍କ ଦ୍ୱାରା ଗ୍ରାମର ବିକାଶ, କମିଟି ସୁଦୃଢ ଓ ନିୟମଗିରି ସୁରକ୍ଷିତ ରହିବ । ଏହି ସମସ୍ତ ସଦସ୍ୟଙ୍କୁ ନେଇ ନିୟମଗିରି ସୁରକ୍ଷା ଓ ଅଞ୍ଚଳର ବିକାଶ ବିଷୟରେ ଆଲୋଚନା କରାଯାଇଛି ।

ଆଗାମୀ ଦିନରେ କିଛି ଦଲାଲ ମାନେ ଲାଞ୍ଜିଗଡ଼, ବିଶ୍ୱନାଥପୁର ଠାରେ ଏକ ଶୋଭାଯାତ୍ରା କରିଥିଲେ । ନିୟମଗିରି ଠାରୁ ଖଣି ଖନନ ହେଉ, ଖଣି ହେଲେ ବିକାଶ ହେବ ଏହି ଅଞ୍ଚଳରେ ଗ୍ରାମସଭା ଓ ପଲ୍ଲୀସଭା କରାଯାଉ ବୋଲି ଶୋଭାଯାତ୍ରା କରିଥିଲେ । ଏହା ନ ହେବା ପାଇଁ କମିଟିକୁ ମଜବୁତ୍ ଠିକ୍ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଯଦି ପୁଣି ଗ୍ରାମସଭା କରାଯାଏ ତେବେ ଲାଞ୍ଜିଗଡ଼ ଠାରେ କମ୍ପାନୀ ରହିବ ନାହିଁ । ତାହାକୁ ଆମେ ପ୍ରତ୍ୟାହାର କରି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆନ୍ଦୋଳନ କରିବୁ । ମରିବୁ ପଛେ ଆମ ଭିଟାମାଟି, ନିୟମଗିରି ଛାଡ଼ିବୁ ନାହିଁ । ସରକାର ବାରମ୍ବାର ଖଣି ଖନନ ହେବ ବୋଲି କହୁଛନ୍ତି । ନିୟମଗିରି, ସିଜୁମାଳୀ, ଖଣ୍ଡୁଆଳି, ପାପଲାମାଳିରେ ଆଦିବାସୀ ଡଙ୍ଗରିଆ ଦଳିତମାନେ ରହିଛନ୍ତି । ଆମେ କୁଆଡ଼େ ଯିବୁ ଖଣି ଖନନ ହେବାକୁ ଦେବୁନାହିଁ । ଏହିଠାରେ ଆମେ ରହି ନିୟମଗିରି ପାହାଡ଼ରୁ ଉତ୍ପାଦିତ ଦ୍ରବ୍ୟ ସଂଗ୍ରହ କରି ଆମେ ଜୀବନ ଜୀବିକା ନିର୍ବାହ କରିଥାଉ । ଜୀବନ ଯିବ ପଛେ ଆମେ କମ୍ପାନୀକୁ ହଟାଇବୁ । ସରକାର ଶ୍ରମିକ ମଜୁରି ଦିନ ପିଛା ୪୬୦ଟଙ୍କା ଘୋଷଣା କରିଛି । ଯଦି ଏହି ଟଙ୍କା ନିଜ ଅଞ୍ଚଳରେ ମଜୁରିଆଙ୍କୁ ଦିଆଯିବ ତାହାହେଲେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ନାହିଁ । ଆମକୁ ୪୬୦ଟଙ୍କା ଦେଲେ ଆମେ ଏଠାରେ ରହି ନିଜ ଜୀବନ ନିର୍ବାହ କରିବୁ । ବର୍ତ୍ତମାନ ନିୟମଗିରି ପାହାଡ଼ର କୌଣସି କ୍ଷତି ହୋଇନାହିଁ । ଯଦି ଆଗାମୀ ଦିନରେ ନିୟମଗିରି ପାହାଡ଼ରୁ ଖଣ୍ଡିଆ ହେଲେ ଏହି କମ୍ପାନୀ ରହିବ ନାହିଁ । ଯଦି ନିୟମଗିରି ପାହାଡ଼ ଖଣ୍ଡିଆ ହୁଏ ଡ଼ଙ୍ଗରିଆ କନ୍ଧମାନେ ଲାଞ୍ଜିଗଡ଼ ଠାରେ ଶୋଭାଯାତ୍ରା କରି ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ରାଜ-ରାସ୍ତାକୁ ଓହ୍ଲାଇବୁ । ଯିଏ ଆମକୁ ବିରୋଧ କରିବେ ତାହାକୁ ଆମେ ଛାଡ଼ିବୁ ନାହିଁ ବୋଲି ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ଶିକ୍‌କା କହିଛନ୍ତି ।

## ବ୍ରହ୍ମଗିରିକୁ ଶୀଘ୍ର ଏନଏସି ଘୋଷଣା କରାଯାଉ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ବୀର ମାଟି ବ୍ରହ୍ମଗିରି । ବ୍ରହ୍ମଗିରିର ଜନସଂଖ୍ୟା ବଢୁଛି । ବ୍ରହ୍ମଗିରିକୁ ଶୀଘ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ.ଏ.ସି.) ଘୋଷଣା କରିବା ପାଇଁ ବ୍ରହ୍ମଗିରିର ଜଣାଶୁଣା ଆଇନଜୀବୀ ଭାସ୍କର ଜେନା ଦାବି କରିଛନ୍ତି । ଅଣସର ୧୪ ଦିନ ପ୍ରାୟ ୧୪ ଲକ୍ଷ ଶ୍ରଦ୍ଧାଳୁ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିଛନ୍ତି । ଭକ୍ତମାନଙ୍କୁ ଗମନା-ଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପରିମଳ ଯୋଗାଇବାରେ ଗ୍ରାମ ପଞ୍ଚାୟତ ସମର୍ଥ ହେଉନାହିଁ । ବ୍ରହ୍ମଗିରି ବଜାର କଳେବର ବୃଦ୍ଧି ପାଇ ବ୍ଲକ ଛକ ଓ କାଠୁଆରେଡି ପର୍ଯ୍ୟନ୍ତ ଲମ୍ବିଲାଣି । ସେପଟେ ଥାନା ଠାରୁ ହାଣ୍ଡିଆଳି ଛକ ପର୍ଯ୍ୟନ୍ତ ଦୋକାନ ବଢ଼ିଲାଣି । ଏହି ଐତିହାସିକ ମାଟିର ମାନ ରଖିବା ପାଇଁ ରାଜ୍ୟ ସରକାର ଏନଏସି ଘୋଷଣା କରନ୍ତୁ ବୋଲି ଶ୍ରୀ ଜେନା ପୁରୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବାପ ଛେଉଣ୍ଡ ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଦଡ଼କି ଗ୍ରାମର ବାପ ଛେଉଣ୍ଡ ପୁଅ, ଦୀପୁନ ବେହେରା (୧୧) ମାଆ ସୁଷମା ବେହେରା । ଦୀପୁନ ଆଜକୁ ବହୁତ ଦିନହେବ ଥାଲାସେମିୟା ରୋଗରେ ପୀଡ଼ିତ ହୋଇ ଫୁଲବାଣୀ ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ପ୍ରତି ସପ୍ତାହରେ ଗୋଟିଏ ୟୁନିଟ୍ ରକ୍ତ ଆବଶ୍ୟକ ହେଉଥିଲା । ଏହି ଖବର ପାଇଥିଲେ ଫୁଲବାଣୀ ସହରର ଜଣାଶୁଣା ସମାଜସେବୀ ଜଗନ୍ନାଥ ରାଜୁ । ଖବର ପାଇବା ପରେ ଜଗନ୍ନାଥ ସେଠାରେ ପହଞ୍ଚି ପରିସ୍ଥିତି ବୁଝିଥିଲେ । କିନ୍ତୁ ଏବେ କିଛି ମାସ ହେବ ଦିପୁନର ଏମିତି କିଛି ସମସ୍ୟା ହୋଇଛି ଯେଉଁଥିପାଇଁ ପ୍ରତି ୨ରୁ ୩ ଦିନରେ ଗୋଟିଏ ୟୁନିଟ୍ ରକ୍ତ ଦରକାର ପଡୁଛି । ଡାକ୍ତର କହିବା ମୁତାବକ ବାହାର କେଉଁ ବଡ଼ ମେଡିକାଲରେ ଗୋଟିଏ ଅପରେସନ ହେଲେ ଛୁଆଟା ସୁସ୍ଥ ହୋଇପାରିବ । କିନ୍ତୁ ଛୁଆର ବାପା ନାହାନ୍ତି, ମା' ଏକୁଟିଆ ଖଟିଲେ ପରିବାର ଚଳାଉଛନ୍ତି । ଏମିତିରେ ୨୦ ଦିନ ପାଖାପାଖି ମେଡିକାଲରେ ରହିଲେଣି, ଆଉ ତାଙ୍କ ସେତିକି ଅର୍ଥ ନାହିଁ ଯେ ଛୁଆକୁ ଭୁବନେଶ୍ୱର ନେବେ । ଏଣୁ ତାଙ୍କ ମାଆ ଅନୁରୋଧ କରିଛନ୍ତି ଯେ ଜିଲ୍ଲାପ୍ରଶାସନ କିମ୍ବା କୌଣସି ବୈଦାନ୍ୟ ବ୍ୟକ୍ତି କିଛି କିଛି ଅର୍ଥ ରାଶି ସାହାଯ୍ୟ କଲେ ଭୁବନେଶ୍ୱର ବାହାରିବେ ଯେତେ ଡେରି ହେଉଛି ସ୍ୱାସ୍ଥ୍ୟ ସେତିକି ଖରାପ ହେଉଛି ଦୟାକରି କିଛି କିଛି ସାହାଯ୍ୟ କଲେ ପିଲାଟିର ଜୀବନ ବଞ୍ଚିଯିବ । ଯଦି କୌଣସି ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢାଇବ ତାହାଲେ ଏକ ଅମୂଲ୍ୟ ଜୀବନ ବଞ୍ଚିଯାଇ ପାରନ୍ତା ବୋଲି ଆଲୋଚନା ହେଉଛି । ଯେଉଁ ବ୍ୟକ୍ତି ତାଙ୍କୁ ଆର୍ଥିକ ସହାୟତା କିମ୍ବା ଶାରୀରିକ ସହଯୋଗ କରିବାକୁ ଚାହୁଁଛନ୍ତି ମୋବାଇଲ ଫୋନ ୭୯୭୮୧୩୬୪୬୩ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ଜବରଦଖଲ ଯୋଗୁ ବଜାରରେ ଟ୍ରାଫିକ୍ ସମସ୍ୟା ଉତ୍କଟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ବେତାଳିଗାଁ ବଜାର ଉପରେ ଆଖପାଖ ପ୍ରାୟ ୨୦ଟି ଗାଁର ଲୋକେ ନିର୍ଭର କରୁଥିବା ବେଳେ ବଜାରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବଜାରରେ ସାପ୍ତାହିକ ହାଟ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନ ବସି ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସୁଛି । ଫଳରେ ରାସ୍ତାରେ ଅସମ୍ଭାଳ ଭିଡ଼ ହେଉଛି । ଫଳରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି । ପୁଲିସ ଏସବୁ ଦେଖି ମଧ ନିରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହେଉଛି । ପ୍ରାୟ ୧୫ ବର୍ଷ ତଳେ ତତ୍କାଳୀନ ସରପଞ୍ଚ ସାପ୍ତାହିକ ହାଟକୁ ବେତାଳିଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ଉଠାଇ ଆଣିଥିଲେ । କିଛିଦିନ ପରେ ପୁଣି ରାସ୍ତା କଡ଼ରେ ବଜାର ଆରମ୍ଭ ହେଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବେତାଳୀଗାଁ ବସ୍‌ଷ୍ଟାଣ୍ଡ ଯାଏ ପ୍ରାୟ ୩୦୦ ମିଟର ରାସ୍ତା ପାର ହେବା ପାଇଁ ୨୦ରୁ ୩୦ ମିନିଟ ସମୟ ଲାଗୁଛି । ଫଳରେ ଯାତ୍ରୀ, ସାଧାରଣ ଲୋକ, ଛାତ୍ରଛାତ୍ରୀ ସମସ୍ତେ ହଇରାଣ ହେଉଛନ୍ତି । ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି । ବେତାଳି ଗାଁ ବଜାର ଅତ୍ୟଧିକ ଭିଡ଼ ଥିବାରୁ ଯାତାୟାତ ଅବରୋଧ ସୃଷ୍ଟି ହୁଏ । ବେପାରୀ ଓ ଗ୍ରାହକଙ୍କ ଦ୍ୱାରା ରାସ୍ତାକୁ ମାଡ଼ି ବସିବା ଏକ ପ୍ରମୁଖ ବାଧା ରୂପେ ଉଭା ହୋଇଛି । ସରକାରୀ ଜାଗାକୁ ଜବର ଦଖଲ କରି ରାସ୍ତାକୁ ମାଡ଼ି ବସିଥିବାରୁ ଦିନକୁ ଦିନ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି । ଏଥିପାଇଁ ସ୍ଥାନୀୟ ବାସିନ୍ଦା ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହାର ପ୍ରତିକାର ସ୍ୱରୂପ (୧) ସ୍ଥାନୀୟ ପ୍ରଶାସନ ଦ୍ୱାରା ଟ୍ରାଫିକ ଇଞ୍ଜିନିୟର ନିଯୁକ୍ତ କରି ନିୟମିତ ନିରୀକ୍ଷଣ କରାଯିବା ଉଚିତ (୨) ବିକ୍ରେତା ଓ ଗ୍ରାହକ ଲାଗି ନିର୍ଦ୍ଧାରିତ ଅଞ୍ଚଳ ଭିତରେ ବଜାର ବ୍ୟବସ୍ଥା କରାଯିବା ଦରକାର । (୩) ଲୋକମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରିବା (୪) ଜବରଦଖଲ ଜମି ଉପରେ ପ୍ରଶାସନିକ ଉଚ୍ଛେଦ କରା ଯିବା ପାଇଁ ଦାବି କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ମତାମତ ଅନୁଯାୟୀ ଦିନ ଭରି ଅପେକ୍ଷା କରି ହେଲେ ମଧ ବଜାର ରାସ୍ତାରେ ବେଶୀ ଅସୁବିଧା ହେଉଛି । ଗର୍ଭବତୀ ମହିଳା, ଜ୍ୟେଷ୍ଠ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ଅବସ୍ଥା ଅତ୍ୟନ୍ତ ଅନୁଚିତ ।

# ଧ୍ୱଂସର ଦ୍ୱାର ଦେଶରେ 'ବନ ବିଦ୍ୟାଳୟ ସ୍ମାରକୀ'

**ସାକ୍ଷୀଗୋପାଳ, ନ୍ୟୁଜ୍‌ବ୍ୟୁରୋ**

ଧ୍ୱଂସର ଦ୍ୱାର ଦେଶରେ ଉପନୀତ ହୋଇଛି ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିଷ୍ଠିତ ଐତିହାସିକ 'ବନ ବିଦ୍ୟାଳୟ ସ୍ମାରକୀ' । ୧୯୦୯ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟ । ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବକୁଳ ବନ ପରିସରରେ ବନ ବିଦ୍ୟାଳୟର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସମେତ ସତ୍ୟବାଦୀ ଯୁଗର ଏହି ପଞ୍ଚସଖା ବକୁଳ ବନ ପରିସରରେ ପାଞ୍ଚଗୋଟି ଛାତ୍ରାବାସ ନିର୍ମାଣ କରିଥିଲେ । ଏହି ପଞ୍ଚସଖା ପାଞ୍ଚଗୋଟି ଛାତ୍ରାବାସ ଦାୟିତ୍ୱରେ ରହିଥିଲେ । ଏହି ଛାତ୍ରାବାସରେ ବିଦ୍ୟାର୍ଥୀମାନେ ରହି ଅଧ୍ୟୟନ କରୁଥିଲେ । ସ୍ୱାଧୀନତା ପରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ରହିଥିବା ଛାତ୍ରାବାସଟିକୁ ଐତିହାସିକ ସ୍ମାରକୀ ରୂପେ ଆଜି ପର୍ଯ୍ୟନ୍ତ ସଂରକ୍ଷିତ କରାଯାଇଛି । ଏହି ଐତିହାସିକ 'ବନ ବିଦ୍ୟାଳୟ ସ୍ମାରକୀ' ଏବେ ଧ୍ୱଂସର ଦ୍ୱାର ଦେଶରେ ।

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଏହି ସ୍ମାରକୀକୁ ଦର୍ଶନ କରିବା ଓ ଏହାର କିମ୍ବଦନ୍ତୀ ଜାଣିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଗୋପବନ୍ଧୁଙ୍କ ପ୍ରେମୀ ଓ ଉଚ୍ଚତର ଅଧ୍ୟୟନ ତଥା ବନବିଦ୍ୟାଳୟ ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ରଙ୍କ ସହ ଅନେକ ବଡ଼ବଡ଼ ଅନୁଷ୍ଠାନ ପାଇଁ ଏହା ପ୍ରମୁଖ ଗବେଷଣା କେନ୍ଦ୍ର ରହିଥିଲା । ବିଦ୍ୟାଳୟ ନିକଟକୁ ଲାଗି ରହିଥିବା ବକୁଳ ବନ ଭିତରେ ଥିବା ବକୁଳ, ଛୁରିଆନା, ତମାଳ ଆଦି ବୃକ୍ଷ ଆଦି ଘଞ୍ଚ ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ପୁରାତନ ବନ ବିଦ୍ୟାଳୟକୁ ବୁଲି ଦେଖିବା ସହ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାନ୍ତି । ପରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା 'ବନ ବିଦ୍ୟାଳୟ ସ୍ମାରକୀ' ନିକଟକୁ ଆସି ଏହାର ବିଶେଷତ୍ୱ ପରଖିଥାନ୍ତି । ଏହି ସ୍ମାରକୀଟି ସମ୍ପୂର୍ଣ୍ଣ ମାଟି ଯୋଡ଼େଇ କାନ୍ଥ ଓ ଉପରେ ମହୁଡ଼ ମରା ଚାଳ ଛପର କରାଯାଇଛି । ଆନୁମାନିକ ଭାବେ ଦେଖିଲେ ଦୈର୍ଘ୍ୟ ପ୍ରାୟ ୧୫୦ରୁ ୨୦୦ ମିଟର ହୋଇଥିବା ବେଳେ ସମ୍ମୁଖ ପଟେ ୬ ଗୋଟି ପ୍ରବେଶ ଦ୍ୱାର ରହିଛି ଯାହା ୫ ପରିବାର ଚଳିବା ନିମନ୍ତେ ଭିତର ପଟେ ଅନେକ କୋଠରି ରହିଛି । ଏହି କୋଠରିଗୁଡ଼ିକରେ ପଣ୍ଡିତ ଗୋପବନ୍ଧୁଙ୍କ ସହ ତାଙ୍କର ସହକର୍ମୀ ତଥା ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ ଆଦି ମହାପୁରୁଷମାନେ ନିଜେ ରହିବାସହ



ଏହାକୁ ଛାତ୍ରାବାସ ଭାବେ ମଧ୍ୟ ବ୍ୟବହାର କରୁଥିଲେ । ଏହି ସ୍ମାରକୀକୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ସମୟରେ ଏଥିରେ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଇଛି । ନିକଟରେ ୨୨/୨୩ ଆର୍ଥିକ ବର୍ଷରେ ୨ ଲକ୍ଷ ୫୦ ଟଙ୍କା ଏହାର ମରାମତି ନିମନ୍ତେ ବ୍ୟୟ କରାଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟ କଥା ଦୀର୍ଘ ମାସରୁ ଏକ ନଡ଼ିଆ ଗଛ ଭାଙ୍ଗି ଏହି ସ୍ମାରକୀ ପୀଠ ଉପରେ ପଡ଼ି ରହିଛି । ଯାହାଦ୍ୱାରା ଏହାର ଚାଳଛପର ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ବର୍ଷା ପାଣି ଘର ଭିତରେ ପଶି କାନ୍ଥଗୁଡିକ ନଷ୍ଟ ହୋଇ ଭାଙ୍ଗିରୁଜି ଗଲାଣି । ନିୟମିତ ଛପର ହେଉନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହାକୁ ପୁନରୁଦ୍ଧାର କରିବା ପରଦିନ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱକୁ ପ୍ରଶାସନ ଦୃଷ୍ଟି ନଦେବାରୁ ଏଭଳି ସମସ୍ୟା ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ବରିଷ୍ଠ ଶିକ୍ଷାବିତ୍ତ ପ୍ରଣବ ପ୍ରକାଶ ମିଶ୍ର କୁହନ୍ତି, ଏହା ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳା । ଯେଉଁ ପଣ୍ଡିତ ଓ ପାଞ୍ଚ ମହାପୁରୁଷଙ୍କ ପାଇଁ ଓଡ଼ିଆ ଜାତି ଗର୍ବ କରୁଛି ଏପଟେ ସେ ଐତିହଗୁଡ଼ିକ ବଞ୍ଚାଇ ରଖିବା ନିମନ୍ତେ ଧ୍ୟାନ ନ ଦେବା ନିନ୍ଦନୀୟ । ଶିକ୍ଷାବିତ୍ ସତ୍ୟବାଦୀ ଦାଶ କୁହନ୍ତି, ପଣ୍ଡିତ ଗୋପବନ୍ଧୁଙ୍କ ଏହି ପୁରାତନ ଐତିହ ସ୍ମାରକୀ ପୀଠକୁ ରାଜ୍ୟ ତଥା ଦେଶରେ ଅନ୍ୟ ସ୍ମାରକୀ ପୀଠ ଭାବେ ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେଉନାହିଁ । ଏହା କେବଳମାଟି ନିର୍ମିତ ଚାଳ ଛପର ଘର ନୁହେଁ ଏହାକୁ ଯଦି ପ୍ରକୃତ ସ୍ମାରକୀ ଭାବେ ବିବେଚନା କରାଯାଏ । ଏହାର ନଷ୍ଟ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ନିମନ୍ତେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ । ଏହି ସ୍ମାରକୀ ପୀଠଟି ସତ୍ୟବାଦୀ ହାଇସ୍କୁଲ ମଧ୍ୟରେ ନିର୍ମିତ ଓ ଏହାର ପ୍ରାଥମିକ ତଦାରଖ ସତ୍ୟବାଦୀ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ହୋଇଥିବାରୁ ଏହା ଉପରେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ କୁହନ୍ତି, ତାଙ୍କ ପାଖରେ ଏହି ସମସ୍ୟା ସମ୍ପର୍କରେ କୌଣସି ଖବର ନାହିଁ କି ସେ ପ୍ରାୟ ଯେବେଠାରୁ ସତ୍ୟବାଦୀରେ ଅବସ୍ଥିତ ହୋଇଛନ୍ତି କେବେ ହେଲେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇନାହାନ୍ତି । ତେଣୁ ଆଗକୁ ଏହା ଉପରେ ତଦାରଖ କରିବେ ବୋଲି ଅଧିକାରୀ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି ।

ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରା ଯାଇଥିଲା । ଓଡ଼ିଆ ଅସ୍ମିତାର ନାରା ଦେଉଥିବା ଓଡ଼ିଶା ସରକାରଙ୍କର ଓଡ଼ିଆ ଅସ୍ମିତା ପ୍ରତି ଏହା ଚରମ ଅବହେଳା । ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତରେ ଏହି ଐତିହାସିକ ସ୍ମାରକୀ ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ସଂରକ୍ଷିତକରି ସୁରକ୍ଷିତ ରଖିବା ଆବଶ୍ୟକ । ସ୍ଥାନୀୟ ବିଜେପି ନେତା ତ୍ରିଲୋଚନ ରଥ କହିଛନ୍ତି, ଏହି ଐତିହ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ଖୁବ୍‌ଶୀଘ୍ର ଏହାର ପୁନରୁଦ୍ଧାର କରାଯିବ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦୁର୍ବଳ ହେଉଛି ଶୈଶବ

ଦୁର୍ବଳ ହେଉଛି ଶୈଶବ। ଉପଯୁକ୍ତ ଖାଦ୍ୟ ଏବଂ ଟୀକାକରଣ ଅଭାବରୁ ପିଲାମାନଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି । ଜାତିସଂଘ ଅନୁଯାୟୀ, ୨୦୨୪ ମସିହାରେ ସାରା ବିଶ୍ୱରେ ଥିବା ୧.୪ କୋଟି ପିଲା ଗୋଟିଏ ବି ଟିକା ପାଇ ନଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ୫୨ ପ୍ରତିଶତ ପିଲା ବିଶ୍ୱର ନଅଟି ଦେଶରେ ଅଛନ୍ତି । ଏହି ଦେଶଗୁଡ଼ିକ ମଧ୍ୟରେ ନାଇଜେରିଆ, ଭାରତ, ସୁଦାନ, କଙ୍ଗୋ, ଇଥିଓପିଆ, ଇଣ୍ଡୋନେସିଆ, ୟେମେନ, ଆଫଗାନିସ୍ତାନ ଏବଂ ଆଙ୍ଗୋଲା ଅନ୍ତର୍ଭୁକ୍ତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ସୂତ୍ରରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି ହେତୁ ଭାରତ ସମେତ ୯ଟି ଦେଶର ଶିଶୁଙ୍କ ଟିକାକରଣ କାର୍ଯ୍ୟକ୍ରମ ଗମ୍ଭୀର ସଙ୍କଟରେ ପଡ଼ିଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଗାଭି ପାଇଁ ଆମେରିକାର ଆର୍ଥିକ ସହାୟତା ବନ୍ଦ କରିବାର ନିଷ୍ପତ୍ତି ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଗାଭି ହେଉଛି ଏକ ଅନ୍ତର୍ଜାତୀୟ ସଂଗଠନ ଯାହା ଗରିବ ଦେଶଗୁଡ଼ିକରେ ଶିଶୁଙ୍କ ପାଇଁ ଟିକା ଯୋଗାଇବାରେ ସହାୟତା କରିଥାଏ। ଏହି ନିଷ୍ପତ୍ତି ହେତୁ ଲକ୍ଷ ଲକ୍ଷ ଶିଶୁ ଜୀବନ ରକ୍ଷାକାରୀ ଟିକାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଟ୍ରମ୍ପ ପ୍ରଶାସନର "ଆମେରିକା ଫାଷ୍ଟ" ନୀତି ଅଧୀନରେ ଗାଭିକୁ ଦିଆଯାଉଥିବା ଆର୍ଥିକ ସହାୟତାକୁ ବନ୍ଦ କରାଯାଇଥିଲା, ଯାହା ଗାଭିର ବଜେଟର ପ୍ରାୟ ୧୩% ଅଂଶ ଥିଲା। ଏହି ଅର୍ଥ ବନ୍ଦ ହେବା ଫଳରେ ଭାରତ, ନାଇଜେରିଆ, ଇଥିଓପିଆ, କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଆଫଗାନିସ୍ତାନ, ସୁଦାନ, ଆଙ୍ଗୋଲା, ଇଣ୍ଡୋନେସିଆ ଓ ବ୍ରାଜିଲ ଭଳି ଦେଶଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି। ଡବ୍ଲୁଏଚଓର ରିପୋର୍ଟ ଅନୁଯାୟୀ, ଏହି ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ଶିଶୁ ଡିପଥେରିଆ, ପୋଲିଓ ଏବଂ ଟିଟାନସ୍ ଭଳି ରୋଗରୁ ସୁରକ୍ଷା ଦେଉଥିବା ଡିଟିପି ଟିକାରୁ ବଞ୍ଚିତ ହେଉଛନ୍ତି। ୨୦୨୩ରେ ଭାରତରେ ୧୪.୪ ଲକ୍ଷ ଶିଶୁ ଡିଟିପି ଟିକାର ପ୍ରଥମ ଡୋଜ ପାଇନଥିଲେ, ଯାହା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ଗାଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ସାନିଆ ନିଷ୍ଟାର କହିଛନ୍ତି, "ଆର୍ଥିକ ସହାୟତା ବନ୍ଦ ହେବା ଫଳରେ ଆଗାମୀ ୫ ବର୍ଷରେ ପ୍ରାୟ ୧୨ ଲକ୍ଷ ଶିଶୁ ମୃତ୍ୟୁବରଣ କରିପାରନ୍ତି, ଯେଉଁମାନେ ଟିକା ନ ପାଇବା କାରଣରୁ ରୋଗରେ ଆକ୍ରାନ୍ତ ହେବେ।" ଏହା ସହିତ, ଏହି ଦେଶଗୁଡ଼ିକରେ ରୋଗ ବିସ୍ଫୋରଣର ଆଶଙ୍କା ମଧ୍ୟ ବଢ଼ିଛି। ଉଦାହରଣ ସ୍ୱରୂପ, ହସକା ଭଳି ରୋଗ ଅଣ-ଟିକାକୃତ ଶିଶୁଙ୍କ ମଧ୍ୟରେ ଦ୍ରୁତ ଗତିରେ ବ୍ୟାପିପାରେ, ଯାହା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବ।

# ଶ୍ରାବଣମାସ କାଉଡ଼ିଆ ଓ ପବିତ୍ର ଦେବଭୂମି ସୁବର୍ଣ୍ଣପୁର



ସିତାଂଶୁ ଶେଖର ମିଶ୍ର
ସୋନପୁର, ଶାନ୍ତି ନଗର
ଦୂରଭାଷ.୮୧୪୪୮ ୭୦୭୨୯



ହିନ୍ଦୁମାନଙ୍କ ବାରମାସରେ ତେର ଯାତ୍ରା ଓ ପର୍ବ ପର୍ବାଣୀ ଅନୁଷ୍ଠିତ ହୋଇଥାଏ। ସବୁ ଯାତ୍ରା ଓ ପର୍ବପର୍ବାଣୀ କିଛି କିଛି ସ୍ୱତନ୍ତ୍ରତା ବହନ କରେ। ଏହାସହ ସାମାଜିକ ଜନଜୀବନକୁ ଶୃଙ୍ଖଳିତ ସହ ବଞ୍ଚିବାର ବାର୍ତ୍ତା। ମଧ୍ୟ ଭରି ରହିଥାଏ। ଭାରତ ହେଉଛି ଆମର ଦେବାଦେବୀଙ୍କ ଅବତାର ଧାରଣ କରି ପୃଥିବୀ ପୃଷ୍ଠକୁ ଆଗମନ ସହ ମାନବୀୟ ଲୀଳାର ପବିତ୍ର ଦେବଭୂମି। ମୁଖ୍ୟତଃ ଆମର ସମସ୍ତ ପର୍ବ ପର୍ବାଣୀ ଉତ୍ସବ ଦେବାଦେବୀଙ୍କ କଥାବସ୍ତୁକୁ ନେଇ ପାଳନ ହୋଇଥାଏ। ସେହିଭଳିଆ କିଛି କଥା ବସ୍ତୁକୁ ନେଇ ଶ୍ରାବଣ ମାସର ଆଗମନରେ ଭଗବାନ ଦେବଦେବ ମହାଦେବଙ୍କ ପାଖରେ କାଉଡ଼ିଆଙ୍କ ଜଳାଭିଷେକ ମଧ୍ୟ କରାଯାଉଥିବା ଜଣାଯାଏ। ଶ୍ରାବଣ ମାସରେ କାଉଡ଼ିଆମାନେ ପବିତ୍ର ନଦୀମାନଙ୍କରେ ବୁଡ଼ ପକାଇବା ପରେ ଭାରରେ ଜଳଧରି ଦେବଦେବ ମହାଦେବଙ୍କ ନାମସ୍ମରଣ କରିକରି ଖାଲି ପାଦରେ ଚାଲୁଥିବା ଦେଖିବାକୁ ମିଳିଥାଏ। ଏହି ଜଳକୁ ନେଇ ସୋମବାର ଦିନ ଦେବ ଦେବ ମହାଦେବଙ୍କ ନିକଟରେ ଜଳାଭିଷେକ କରିଥାନ୍ତି। ବର୍ଷ ମଧ୍ୟରେ ରହିଥିବା ୧୨ ମାସ ମଧ୍ୟରୁ ଶ୍ରାବଣ ମାସ ହେଉଛି ଶିବ ଉପାସନା ନିମନ୍ତେ ସର୍ବଶ୍ରେଷ୍ଠ ମାସ। ଏହାକୁ ନେଇ ଆମର ଧର୍ମଶାସ୍ତ୍ର ଓ ପୁରାଣ ମାନଙ୍କରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ଧର୍ମଶାସ୍ତ୍ର ଅନୁସାରେ ଶ୍ରାବଣ ମାସରେ ଶିବଙ୍କୁ ଉପାସନା କରିବା ସବୁଠାରୁ ଉତ୍ତମ ମାସ ବୋଲି ଉଲ୍ଲେଖ ରହିଛି। ଏହି ମାସ ହେଉଅଛି ଭଗବାନ ଶିବଙ୍କର ଅତିପ୍ରିୟ ମାସ। ସେଥିପାଇଁ ଏହି ମାସରେ ଯୋଉମାନେ ଭକ୍ତିରସହ ଓ ସମ୍ପୂର୍ଣ୍ଣ ସମର୍ପିତ ହୋଇ ଶିବ ଉପାସନା କରିଥାନ୍ତି ତାଙ୍କର ସମସ୍ତ କାର୍ଯ୍ୟ ସମ୍ପାଦନ ମନମୁତାବକ ହୋଇ ମନୋବାଞ୍ଛିତ ଫଳ ଲାଭ ହୋଇଥାଏ ବୋଲି ମଧ୍ୟ ଜନ ବିଶ୍ୱାସ ରହିଛି। ଏହି ଶ୍ରାବଣମାସକୁ ନେଇ ଆମର ଶାସ୍ତ୍ର ପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥିବା ଦେଖିବାକୁ ମିଳିଥାଏ। ଦେବୀ ସତୀ ନିଜପିତା ଯକ୍ଷଙ୍କ ବାସଭବନରେ ତାଙ୍କ ଶରୀରକୁ ତ୍ୟାଗ କରିଥିବା ଜଣାଯାଏ। ସେହି ସମୟରେ ଦେବୀ ସତୀ ସବୁ ଜନ୍ମରେ ପତିରୂପରେ ଶିବଙ୍କୁ ପାଇବାପାଇଁ ସଂକଳ୍ପ କରିଥିବା କଥା ଆମର ପୁରାଣମାନଙ୍କରେ ଉଲ୍ଲେଖରହିଥିବା ଦେଖିବାକୁ ମିଳିଥାଏ। ସତୀ ପୁନର୍ଜନ୍ମ ନେଇ ଘୋର ତପସ୍ୟା ବଳରେ ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ପୁନର୍ବାର ଭଗବାନ ଶିବଙ୍କୁ ପତି ଭାବରେ ପାଇପାରିଥିଲେ। ସେତେବେଳେ ଉକ୍ତ ମାସଟି ଶ୍ରାବଣ ରହିଥିବା ଜଣାଯାଏ। ସେଥିପାଇଁ ଅବିବାହିତ କନ୍ୟାସନ୍ତାନ ମାନେ ଉପଯୁକ୍ତ ପତି ପ୍ରାପ୍ତ ନିମନ୍ତେ ଭଗବାନ ଶିବଙ୍କୁ ଏହି ଶ୍ରାବଣ ମାସରେ ଆରାଧନା ଉପାସନା କରିଥାନ୍ତି। ଏମିତିକି ନାରୀମାନଙ୍କ ସହ ଅବିବାହିତ କନ୍ୟାମାନେ ମଧ୍ୟ ନିଜର ମନୋବାଞ୍ଛିତ ଫଳ ସକାଶେ କାଉଡ଼ିଆ ଭାବରେ ଯାଇ ବିଭିନ୍ନ ଶିବାଳୟ ମାନଙ୍କରେ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଥାଏ। ଆଉଗୋଟାଏ ପୌରାଣିକ କିମ୍ବଦନ୍ତୀ ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଭଗବାନ ଶିବଙ୍କୁ ଗରଳ ପାନ କରିବାକୁ ପଡ଼ିଥିଲା। ସେହି ସମୟରେ ଭଗବାନ ଶିବଙ୍କ ଏହି ଗରଳର ଜ୍ୱାଳାରୁ ଉପଶମ ନିମନ୍ତେ ସମସ୍ତ ଦେବତା ମାନେ ଏକତ୍ରିତ ହୋଇ ଶିବଙ୍କ ମସ୍ତକରେ ଜଳଢାଳି ଥିବାର କଥା ଜଣାଯାଏ। ସେହି ସମୟରେ ତାହା ଶ୍ରାବଣ ମାସ ରହିଥିଲା। ସେହିଦିନଠାରୁ ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କ ମସ୍ତକରେ ଜଳଲାଗି ସକାଶେ ସର୍ବୋତ୍ତମ ମାସ ଭାବରେ ବିବେଚନା କରାଯାଏ। ଏହି ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କ ମୁଣ୍ଡରେ ଜଳଲାଗି ଓ ଏହିମାସର ମାହାତ୍ମ୍ୟକୁ ନେଇ ଆଉ ଏକ କିମ୍ବଦନ୍ତୀ ରହିଅଛି ତାହାହେଲା ତ୍ରେତୟା ଯୁଗରେ ସ୍ୱୟଂ ଭଗବାନ ଶ୍ରୀରାମ ଜଳନେଇ ଦେଓଘର ସ୍ଥିତ ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗଠାରେ ଜଳଅଭିଷେକ କରିଥିବା କଥା ଶାସ୍ତ୍ର ପୁରାଣରେ ଉଲ୍ଲେଖ ରହିଛି। ତେଣୁ ସେହିଦିନ ଠାରୁ ବାବା ଧାମରେ ଜନସାଧାରଣ ଦ୍ୱାରା ପବିତ୍ର ନଦୀ ମାନଙ୍କରୁ ଜଳ ଆଣି ଜଳ ଅଭିଷେକ କରିବାର ଦେଖିବାକୁ ମିଳିଥିଲା। ଯାହାକି ଆଜି ଏହା ଏକ ପରମ୍ପରା ହୋଇସାରିଛି। ଆଉ ଏକ ପୌରାଣିକ କିମ୍ବଦନ୍ତୀ ଅନୁସାରେ ଭଗବାନ ପର୍ଶୁରାମ ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କ ପାଖରେ କମଣ୍ଡଳୁ ମାଧ୍ୟମରେ ପବିତ୍ର ନଦୀର ଜଳ ନେଇ ଶ୍ରାବଣ ମାସର ସୋମବାର ଦିନ ଜଳାଭିଷେକ ପ୍ରଥମେ କରିଥିବା ଜଣାଯାଏ। ସେହିଦିନଠାରୁ ଶ୍ରାବଣ ମାସର ସୋମବାର ଦିନ ଦେବଦେବ ମହାଦେବଙ୍କ ପାଖରେ ଜଳାଭିଷେକ କରିବାର ପରମ୍ପରା ସୃଷ୍ଟି ହୋଇଥିବା ମଧ୍ୟ କୁହାଯାଏ। ସାରା ଭାରତ ବର୍ଷରେ ଏହି ପର୍ବ ଧୁମଧାମରେ ପାଳିତ ହୁଏ। ପବିତ୍ର ଦେବଭୂମୀ ତଥା ଅଷ୍ଟଶମ୍ଭୁ ପୀଠର ସହର ସୁବର୍ଣ୍ଣପୁର ତଥା ଜିଲ୍ଲା ଏଥିରୁ କେମିତି ବ୍ୟତିକ୍ରମ ହେବ। ସେଥିପାଇଁ ଉକ୍ତମାସର ଆଗମନରେ ପବିତ୍ର ଦେବଭୂମି ସୁବର୍ଣ୍ଣପୁର ଜିଲ୍ଲା ମଧ୍ୟ ଉତ୍ସବ ମୁଖର ହୋଇଉଠେ। କାରଣ ଏହି ଜିଲ୍ଲାରେ ଗୁଡ଼ାଏ ପ୍ରାଚୀନପ୍ରସିଦ୍ଧ ଶୈବପୀଠ ସବୁ ଦେଖିବାକୁ ମିଳିଥାଏ। କେହି କେହି ସୁବର୍ଣ୍ଣପୁରକୁ ଶୈବମୟ ସୁବର୍ଣ୍ଣପୁର କହିଥାନ୍ତି। ଜିଲ୍ଲାର ସଦରମହକୁମା ସହିତ ଅନ୍ୟାନ୍ୟ ସହର ଓ ଗ୍ରାମାଞ୍ଚଳରେ ରହିଅଛି ପ୍ରସିଦ୍ଧ ଓ ପ୍ରାଚୀନ ଶୈବପୀଠ ସବୁ। ତନ୍ମଧ୍ୟରୁ ଖାଲି ଦ୍ୱିତୀୟ ବାରଣାସୀ ସୁବର୍ଣ୍ଣପୁର ସହରରେ ଦେଖିବାକୁ ମିଳିଥାଏ ଅନେକ ପ୍ରାଚୀନ ଶୈବପୀଠ । ଏଥିପାଇଁ କାଉଡ଼ିଆ ମାନଙ୍କ ଏହି ପବିତ୍ର ଦେବଭୂମି ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଥାଏ । ଏହା ସହ ଜିଲ୍ଲାରେ ଅନେକ ଗୁଡ଼ିଏ ପୁରାତନ ଶୈବପୀଠ ସବୁ ରହିଥିବାରୁ ଶ୍ରାବଣମାସର ଆଗମନରେ ଉକ୍ତପୀଠକୁ ଶିବଭକ୍ତ ଓ ହଜାର ହଜାର କାଉଡ଼ିଆଙ୍କର ଆଗମନ ରହିଥାଏ। ଶିବଙ୍କର ବିଭିନ୍ନ ଶ୍ଳୋକଉଚ୍ଚାରଣରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ହଜାର ହଜାର କାଉଡ଼ିଆଙ୍କର ତ୍ରିବେଣୀ ସଙ୍ଗମ୍ ଠାରୁ ଜଳ ଗ୍ରହଣ କରି ଭାର ସାହାଯ୍ୟରେ ଧାଡ଼ି ଧାଡ଼ି ହୋଇ ଚାଲୁଥିବାର ଦୃଶ୍ୟ ଅଭୂତପୂର୍ବ ରହିଥାଏ। ସୁବର୍ଣ୍ଣପୁରରେ ଗୁଡାଏ ପ୍ରାଚୀନ ଶୈବପୀଠ ରହିଥିବାରୁ ଶ୍ରାବଣ ମାସରେ ଜଳଲାଗି ସକାଶେ କାଉଡ଼ିଆଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ। କାରଣ ପ୍ରାଚୀନ ତୀର୍ଥସ୍ଥାନ ମାନଙ୍କ ମଧ୍ୟରୁ ସୁବର୍ଣ୍ଣପୁର ଯେ ଏକ ତୀର୍ଥ ସ୍ଥାନ ତାହା ନିମ୍ନ ଲିଖିତ ଶ୍ଳୋକରୁ ଜଣାଯାଏ। 'ସୁବର୍ଣ୍ଣାଖ୍ୟାପୁରୀ ପୁଣ୍ୟା ପୁଣ୍ୟା ଚିତ୍ରୋତ୍ପଳା ନଦୀ। କୋଶଳେଷୁ ତ୍ରୟଃ ପୁଣ୍ୟା ପୁଣ୍ୟୋ ମାର୍କାର କେଶରୀ।'(କପିଳ ସଂହିତା) ତେଣୁ ପୁରୀ ପରି ସୁବର୍ଣ୍ଣପୁର ମଧ୍ୟ ଏକ ତୀର୍ଥସ୍ଥଳୀ।ଏଠାରେ ପବିତ୍ର ଗଙ୍ଗା ନଦୀ ପରି ଚିତ୍ରୋତ୍ପଳା ମହାନଦୀ, ଯମୁନା ନଦୀ ପରି ତେଲନଦୀ ଓ ସରସ୍ୱତୀ ନଦୀ ପରି କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଘଟିଛି ସୁବର୍ଣ୍ଣପୁର ରାମେଶ୍ୱର ପୀଠରେ। ହିନ୍ଦୁମାନଙ୍କ ପୁଞ୍ଜି କହିଲେ ଆସ୍ଥା ଓ ବିଶ୍ୱାସ। ଧାର୍ମିକ ଜନ ଜୀବନର ବିଶ୍ୱାସ ରହିଛି ତ୍ରିବେଣୀ ସଂଗମରେ ସ୍ନାନ କଲେ ପ୍ରାଣୀର ସକଳ କଷ୍ଟ ଦୂର ହୋଇଥାଏ ଏବଂ ଏହି ତୋପ ଭୂମିରେ ଆବିର୍ଭୂତ ବାବା ରାମେଶ୍ୱର ଓ ବାବା ସୁବର୍ଣ୍ଣଶମ୍ଭୁଙ୍କୁ ଦର୍ଶନ କଲେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ।

# ବହିଃପ୍ରକୃତି ଓ ମାନବୀୟ ସୃଜନଶୀଳତା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଆମ ଚାରିପଟେ ଦୃଶ୍ୟମାନ ବହିଃପ୍ରକୃତି ଆମ ଅନ୍ତଃପ୍ରକୃତିକୁ ନିରନ୍ତର ଆକର୍ଷଣ କରେ । ବୋଧହୁଏ ସତେ ଯେପରି ବହିଃପ୍ରକୃତି ହେଉଛି ପ୍ରୀତିର ଗୋଟେ ଲଳିତ ପ୍ରତିମା, ସେଠି ଅନୁଭୂତ ହେଉଛି ପ୍ରତ୍ୟୟର ନିତ୍ୟ ପ୍ରବାହ ଆଉ ସ୍ପଷ୍ଟ ଶୁଣାଯାଉଛି ପ୍ରେରଣାର ଆଦି ଅନ୍ତହୀନ ପ୍ରଣବ । ପ୍ରୀତି, ପ୍ରତ୍ୟୟ, ପ୍ରେରଣା ସମନ୍ୱିତ ହୋଇ ପ୍ରକୃତି ସତେ ଯେମିତି ହୋଇଯାଇଛି ବିପୁଳ ପୁଲକର ଗୋଟେ ମୁଗ୍ଧ ମଧୁର ମୂଲକ। ଚତୁଃପାର୍ଶ୍ୱରେ ଆମେ ଲକ୍ଷ୍ୟ କରୁଥିବା ଜୀବଜଗତ ପ୍ରଭାବିତ କରୁଛି ଆମ ମନୋମଣ୍ଡଳକୁ, ଉନ୍ମେଷ କରୁଛି ଆମ ଅନ୍ତଃକରଣରେ ଗୋଟେ ସୃଜନଶୀଳତା।

ସେଓ ଗଛରୁ ଫଳଟିଏ ତଳେ ପଡ଼ିବାର ଦେଖି ଆଇଜାକ୍ ନିଉଟନ୍ ନିଜକୁ ପ୍ରଶ୍ନ କରନ୍ତି, 'ଫଳଟି ଉପରକୁ ନଯାଇ ତଳେ ପଡ଼ିଲା କାହିଁକି ?' ସେଇଠି ନିଉଟନ୍‌ଙ୍କ ମନୋଭୂମିରେ ଅନୁସନ୍ଧିତ୍ସାର ଅଙ୍କୁରୋଦ୍‌ଗମ ହେଲା, ବୈଜ୍ଞାନିକ ସୃଜନଶୀଳତାର ଅଭ୍ୟୁଦୟ ହେଲା । ବହୁ ପରୀକ୍ଷଣ, ନିରୀକ୍ଷଣ ଶେଷରେ ସେ ସିଦ୍ଧାନ୍ତ ଗ୍ରହଣ କଲେ ଯେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ରହିଛି ଯାହା ବଳରେ ସକଳ ବସ୍ତୁ ତା' ଆଡ଼କୁ ଆକର୍ଷିତ ହେଉଛନ୍ତି । ଜଳ, ବାୟୁ, ଆଲୋକ, ଉତ୍ତାପ ପ୍ରଭାବରେ ବୃକ୍ଷମାନେ ବୃଦ୍ଧି ଲାଭ କରୁଛନ୍ତି, ଶାଖା ପ୍ରଶାଖାର ପ୍ରସାରଣ ହେଉଛି, ପତ୍ର, ପୁଷ୍ପ, ଫଳ ବିକଶିତ ହେଉଛନ୍ତି। ବହିଃପ୍ରକୃତିରେ ଏଭଳି ପ୍ରକ୍ରିୟାଗୁଡ଼ିକୁ ଲକ୍ଷ୍ୟ କରି ଜଗଦୀଶ ଚନ୍ଦ୍ର ବୋଷ ବହୁ ପରୀକ୍ଷା ନିରୀକ୍ଷା କରନ୍ତି ଓ ଶେଷରେ କହନ୍ତି, 'ବୃକ୍ଷଲତାଙ୍କର ଜୀବନ ଅଛି ।' ବହିଃପ୍ରକୃତିର ବିବିଧ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୁଏ କିଛି ମଣିଷଙ୍କ ବୈଜ୍ଞାନିକ ପ୍ରବୃତ୍ତି, ସାଧନାରତ ହୁଅନ୍ତି ସେମାନେ, ସେମାନଙ୍କ ସୃଜନଶୀଳତା ପରିପକ୍ୱତା ଅର୍ଜନ କରି ଉତ୍କର୍ଷ ପ୍ରତିପାଦନ କରେ ।

ନିରଂଜନା ନଦୀ ତଟସ୍ଥ ଅଶ୍ୱତ୍ଥ ବୃକ୍ଷ ମୂଳରେ କୁଶ ଆସନରେ ବସି ରାଜକୁମାର ଗୌତମ ତଥାଗତ ବୁଦ୍ଧରେ ରୂପାନ୍ତରିତ ହୁଅନ୍ତି। ବହିଃପ୍ରକୃତିର ତିନୋଟି ଉପାଦାନ ନଦୀ, ବୃକ୍ଷ, କୁଶ ତାଙ୍କ ଆଧ୍ୟାତ୍ମିକ ଆତ୍ମହାର ଉତ୍ତରଣରେ ସହାୟକ ହୁଅନ୍ତି, ଯାହାର ଫଳସ୍ୱରୂପ ତାଙ୍କ ସମ୍ମୁଖରେ ପ୍ରଜ୍ଞାର ଗୋଟେ ନୂତନ ଦିଗ୍‌ବଳୟର ଉନ୍ମୋଚନ ସମ୍ଭବ ହୁଏ। କରମଙ୍ଗା ଗଛର ଛାଇ ବିଦଗ୍ଧ ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କୁ ଅନୁପ୍ରାଣିତ ଅନୁପ୍ରେରିତ କରେ କୃଷ୍ଣପ୍ରେମର ବିପୁଳ ବାରିଧିରେ ଅବଗାହନ କରି 'ବିଦଗ୍ଧ ଚିନ୍ତାମଣି' ଭଳି ରସୋତ୍ତୀର୍ଣ୍ଣ କାବ୍ୟର ରଚନା ନିମନ୍ତେ। ଶୈଳ ଶିଖରକୁ ମେଘମାଳା ସ୍ପର୍ଶ କରିବାର ଅନୁପମ ସୌନ୍ଦର୍ଯ୍ୟଭରା ଦୃଶ୍ୟ ଦର୍ଶନ କରି କାଳିଦାସଙ୍କ ସୃଜନଶୀଳ ତନ୍ତ୍ରୀ ଶିହରିତ ହୁଏ, ସୁତରାଂ, ସ୍ୱାଭାବିକ ଭାବରେ 'ମେଘଦୂତମ୍' କାବ୍ୟରେ ନିର୍ବାସିତ ଯକ୍ଷ ହେମମାଳୀ ମେଘକୁ ଦୂତ ମନେକରି ତା'ରି ମାଧ୍ୟମରେ ପ୍ରୀତି ପ୍ରଣୟର ସନ୍ଦେଶ ପ୍ରେରଣ କରେ ନିଜର ପ୍ରାଣପ୍ରିୟା ପତ୍ନୀ ବିଶାଳାକ୍ଷୀ ନିକଟକୁ । ବିସ୍‌ମିଲ୍ଲା ଖାଁ। ମୁକ୍ତ ସ୍ୱରରେ ସ୍ୱୀକାର କରନ୍ତି, 'ଗଙ୍ଗାନଦୀ ଜଳରାଶିର କଳକଳ ନାଦ ଶୁଣି ମୁଁ ସାହାନାଇ ବାଦନ ନିମିତ୍ତ ପ୍ରେରଣା ଲାଭ କରିଛି ।'

ଡା। ଫୋର୍ଡିଲ୍ ଫୁଲଗୁଡ଼ିକର ଲଳିତ ଲାବଣ୍ୟ ଦର୍ଶନ କରି, ସ୍କଟ୍‌ଲ୍ୟାଣ୍ଡ୍ ମାଳଭୂମିରେ ଗୋଟେ ଏକାକିନୀ କୃଷକ-କାମିନୀର ଦରଦଭରା ସଙ୍ଗୀତ ଶ୍ରବଣ କରି ଉଇଲିୟମ୍ ୱାର୍ଡ଼ସ୍‌ୱାର୍ଥ୍‌ଙ୍କ କବି ପ୍ରାଣରେ ଭରିଯାଏ ସୃଜନଶୀଳତାର ପ୍ରାଚୁର୍ଯ୍ୟ । ସୁମନର ସୌନ୍ଦର୍ଯ୍ୟ, ସଙ୍ଗୀତର ସୌକୁମାର୍ଯ୍ୟ ସମନ୍ୱିତ ହୋଇ କବିତାରେ ଯେଉଁ ରସର ସୃଜନ ହୁଏ ତା'ରି ନାମାନ୍ତର ତ 'ମାଧୁର୍ଯ୍ୟ', ଯାହା ଜଣେ କବି-ଜୀବନରେ ସାଧନା-ଯଜ୍ଞର ଅନ୍ତିମ ଆଶ୍ଚର୍ଯ୍ୟ । ଯେଉଁ ଆଶ୍ଚର୍ଯ୍ୟ ପ୍ରକଟ ହୋଇଛି ଭିକ୍ଟୋରିଆ ଯୁଗର କବି ରବର୍ଟ୍ ବ୍ରାଉନିଂ 'ପିପାର ସଙ୍ଗୀତ' କବିତା ରଚନା କଲାବେଳେ ଯେତେବେଳେ ବସନ୍ତ ଋତୁରେ କଣ୍ଟାବୁଦା ମୂଳେ ସକାଳର ନରମ ଖରାକୁ ଉପଭୋଗ କରୁଥିବା ଗୋଟେ ଗେଣ୍ଡା ତାଙ୍କର କବି-ପ୍ରାଣକୁ ଆଲୋଡ଼ିତ କରିଛି, ଅସାମାନ୍ୟ ଆନନ୍ଦରେ ଆଚ୍ଛନ୍ନ କରିଛି । ସମାନ ଆଶ୍ଚର୍ଯ୍ୟ ପ୍ରକଟ ହୋଇଛି ରବୀନ୍ଦ୍ରନାଥ ଠାକୁର 'ଗୀତାଞ୍ଜଳି' କାବ୍ୟ ରଚନା କଲାବେଳେ, ଯେତେବେଳେ ସେ ଅନୁଭବ କରିଛନ୍ତି, ଫଗୁଣ ଦିନରେ ବନପଥରେ ପ୍ରସ୍ଫୁଟିତ ପ୍ରସୂନମାଳାର ସୌନ୍ଦର୍ଯ୍ୟ ସୌରଭ ମାଧ୍ୟମରେ ହେଉ କି କେଉଁ ଶ୍ରାବଣ ମାସର ଅନ୍ଧାର ରାତିରେ ମେଘ ରୂପକ ରଥ ଆରୋହଣ କରି ହେଉ ଈଶ୍ୱର ଧରାପୃଷ୍ଠରେ ଅବତରଣ କରୁଛନ୍ତି । ଆଶ୍ଚର୍ଯ୍ୟ ଏଇଆ ଯେ ଗୋଟେ ଧୀରଗତିସମ୍ପନ୍ନ ଗେଣ୍ଡା ବ୍ରାଉନିଂଙ୍କ ସୃଜନଶୀଳତାକୁ ତ୍ୱରାନ୍ୱିତ କରିଛି । କୁସୁମ ଆଉ କାଦମ୍ବିନୀମାଳାରେ ପରମେଶ୍ୱରଙ୍କୁ ଦର୍ଶନ କରିବା ଦ୍ୱାରା ରବୀନ୍ଦ୍ରନାଥଙ୍କ ସୃଜନଶୀଳତାର ଦିବ୍ୟ ପ୍ରଦ୍ୟୋତ ପ୍ରକଟ ହୋଇଛି ।

ବହିଃପ୍ରକୃତିରେ ଅଜସ୍ର ଉପାଦାନ ରହିଛି ଯାହା ଯଥେଷ୍ଟ ଆମକୁ ସୃଜନଶୀଳ କରିବା ପାଇଁ । ସର୍ବଂସହା ଧରିତ୍ରୀ ସହନଶୀଳତାର ସନ୍ଦେଶ ଦେଉଛି । ଫୁଲଟିଏ ସତେ ଯେପରି କହୁଛି, 'ଉଚ୍ଚାରଣକୁ ସୌନ୍ଦର୍ଯ୍ୟଯୁକ୍ତ, ଆଚରଣକୁ ସୌରଭଯୁକ୍ତ କର ।' ଗଛଗୁଡ଼ିକ ଜୀବନ-ଅଭିବୃଦ୍ଧି ଅର୍ଥାତ୍ ନିତ୍ୟ ଉତ୍ତରଣର ବାର୍ତ୍ତାବହ । ସୂର୍ଯ୍ୟ କହୁଛି, 'ସମଦର୍ଶୀ ହୁଅ, ତାହାହିଁ ପ୍ରଜ୍ଞା ।' ଚନ୍ଦ୍ର କହୁଛି, 'କୋମଳତା ତୁମ ଜୀବନାଧାର ହେଉ ।' କୃତ୍ତିକାମଣ୍ଡଳରୁ ମୃତ୍ତିକାମଣ୍ଡଳକୁ ଆହ୍ୱାନ ଶୁଭୁଛି, 'ଆମେ ନିଜ ନିଜ ସ୍ଥାନରେ ନିରନ୍ତର ଆଲୋକ ବିକିରଣ କରିଚାଲିଛୁ । ତୁମେ ସେମିତି କାହାରି ସହିତ ପ୍ରତିଦ୍ୱନ୍ଦ୍ୱିତା ନକରି ନିଜ ସ୍ଥାନରେ ନିଜର ଦିବ୍ୟଶକ୍ତିକୁ ସଠିକ୍ ବିନିଯୋଗ କରି ସମାଜରେ ଆଲୋକ ବିତରଣ କର, ଅମୃତ ପରିବେଷଣ କର ।' ପର୍ବତରୁ ନଇଁଆସିଥିବା ଝରଣାଟିଏ ମୃଦୁଳ ଧ୍ୱନିରେ କହୁଛି, 'ଅହଂମୁକ୍ତ ହୋଇ ସୋଽହଂଯୁକ୍ତ ହୁଅ ।' ମହାକାଶ, ମହାସମୁଦ୍ର ସତେ ଯେପରି ଗୋଟିଏ ସ୍ୱରରେ କହୁଛନ୍ତି, 'ଉତ୍ତୁଙ୍ଗମନା ଉନ୍ନତହୃଦୟ ହୁଅ । ମହାକାଶରେ ଭାସମାନ କାଦମ୍ବିନୀମାଳାରେ ଦାମିନୀର ହାସ୍ୟମୟ ନୃତ୍ୟକୁ ଦେଖ । ମହାସମୁଦ୍ରର ଅନ୍ତହୀନ ଜଳଭଣ୍ଡାରରେ ବୀଚିମାଳାର ଅନିର୍ବଚନୀୟ ରୂପକୁ ଦେଖ । ଉଦାର ହୁଅ, ଉତ୍ତୀର୍ଣ୍ଣ ଚେତନାର ସାମ୍ରାଜ୍ୟରେ ସମ୍ଭ୍ରମର ସହିତ ବିଚରଣ କର । ପରଶ୍ରୀକାତରତାକୁ ପରିହାର କରି ପ୍ରଶସ୍ତଚେତା ହୋଇଯାଅ, ପାରମାର୍ଥିକ ଆନନ୍ଦରେ ବିଭୋର ହୁଅ ।'

ବିଶ୍ୱ ଇତିହାସରେ ରାଶିରାଶି ମଣିଷଙ୍କ ଦୃଷ୍ଟାନ୍ତ ରହିଛି, ଯେଉଁମାନେ ବହିଃପ୍ରକୃତିରେ ବିଭିନ୍ନ ଜାଗତିକ ପ୍ରକ୍ରିୟାକୁ ଦର୍ଶନ କରିବା ଦ୍ୱାରା ସେମାନଙ୍କଠାରେ ସୃଜନଶୀଳତାର ଉନ୍ମେଷ ଉତ୍ତରଣ ହୋଇଛି । ଆହୁରି ଅନେକ ମଣିଷ ବହିଃପ୍ରକୃତିରୁ ମହତ ଜ୍ଞାନ ଆହରଣ କରି ନିଜର ମଣିଷତ୍ୱକୁ ସମୃଦ୍ଧ, ଋଦ୍ଧିମନ୍ତ କରିବା ସହିତ ସମଗ୍ର ସମାଜରେ ଗୋଟେ ମହତ ପରିବେଶ ସର୍ଜନା ଦିଗରେ ଯତ୍ନଶୀଳ ହୋଇଛନ୍ତି। ସେମାନେ ସମସ୍ତେ ଜଣେ ଜଣେ ସୃଜନଶୀଳ ଆତ୍ମା । ସେମାନଙ୍କୁ ପ୍ରଣାମ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ସମାନ ଭାଗିଦାରୀର ରାଜନୀତି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ଭାରତୀୟ ରାଜନୀତିରେ ଏ ସ୍ଲୋଗାନ କ୍ରମେ ଘନୀଭୂତ ହେଉଛି । ଉତ୍ତରପ୍ରଦେଶରେ ମାନ୍ୟବର କାଂଶିରାମ ଏହି ସ୍ଲୋଗାନର ଜନ୍ମଦାତା। ଏହାରି ବଳରେ ସେ ବହୁଜନ ସମାଜ ପାର୍ଟିକୁ ରାଜ୍ୟରେ କ୍ଷମତାକୁ ଆଣିଥିଲେ ଓ ଅନ୍ୟାନ୍ୟ ଉତ୍ତରଭାରତୀୟ ରାଜ୍ୟରେ ଉଣାଅଧିକ ନିଜର ସ୍ଥିତିକୁ ଜାହିର କରି ପାରିଥିଲେ। ତାଙ୍କର ଏ ସ୍ଲୋଗାନ କ୍ରମେ ପରିବ୍ୟାପ୍ତ ହେବାରେ ଲାଗିଛି। ଏହା ଅନ୍ୟାନ୍ୟ ରାଜନୈତିକ ଦଳକୁ ମଧ୍ୟ ସଂକ୍ରମିତ ହେଲାଣି। ବିଶେଷକରି ସାମାଜିକ ନ୍ୟାୟର ସମର୍ଥକ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେବାର ଶୁଣିବାକୁ ମିଳୁଛି। ଏସସି, ଏସଟି ଓ ଓବିସି ପ୍ରଭାବିତ ରାଜନୈତିକ ଦଳମାନେ ନିଜର ସ୍ଥିତିକୁ ମଜଭୂତ କରିବା ପାଇଁ ଏହାର ଆଶ୍ରା ନେଇଛନ୍ତି। ଓଡ଼ିଶାରେ ମଧ୍ୟ ଏ ଆୱାଜ୍ ଶୁଭିବା ଆରମ୍ଭ ହୋଇଛି। ରାଜ୍ୟରେ ସାମାଜିକ ନ୍ୟାୟର ପ୍ରବକ୍ତାମାନେ ଏହି ସ୍ଲୋଗାନ ଦେବାର ଶୁଣାଯାଉଛି। ଏମାନଙ୍କ ଯୁକ୍ତି ଯେ ରାଜ୍ୟର ପ୍ରତ୍ୟେକ ବର୍ଗ ପ୍ରତ୍ୟେକ କ୍ଷେତ୍ରରେ ସଂଖ୍ୟାନୁପାତି ପ୍ରତିନିଧିତ୍ୱ ପାଇବାକୁ ହକଦାର। ଏହି ସ୍ଲୋଗାନ ରାଜ୍ୟ ରାଜନୀତିକୁ ବଦଳାଇବାରେ କେତେ ସହାୟକ ହେବ ତାହା ସମୟ ବତାଇବ।ଏହାକୁ ନେଇ କେତେ ମାତ୍ରାରେ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଛିଡା କରାଯାଇ ପାରୁଛି ତାହାରି ଉପରେ ନିର୍ଭର କରିବ ରାଜନୈତିକ ଗତି।

ଦେଶରେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଯେଉଁ ସାମାଜିକ ବିତର୍କ ଆରମ୍ଭ ହେଲା ତାହାରି ପରେହିଁ ସାମାଜିକ ନ୍ୟାୟର କଥା ରାଜନୀତିରେ ଦାନା ବାନ୍ଧିଲା। ସାମାଜିକ ନ୍ୟାୟର ମୂଳ ଆଧାର ହେଉଛି 'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ'। ଏହାର ଅର୍ଥ ହେଉଛି ଦେଶରେ ଯେଉଁ ସାମ୍ବିଧାନିକ ଜାତିଗୋଷ୍ଠୀ ରହିଛି ସେମାନଙ୍କୁ ଚାକିରି, ଶିକ୍ଷା, ରାଜନୀତି ଓ ବାଣିଜ୍ୟ ବ୍ୟବସାୟରେ ସମାନ ଭାଗୀଦାରୀ କରାଇବା। ଆବଶ୍ୟକ ହେଲେ ଏଥିପାଇଁ ସାମ୍ବିଧାନିକ ବ୍ୟବସ୍ଥା ତିଆରି କରିବା। ଏ ସମସ୍ତ ଦୃଷ୍ଟିରୁ ସାମାଜିକ ବିଷମତା ଥିଲେ ଦେଶରେ ସାମାଜିକ ନ୍ୟାୟ ରହିଛି ବୋଲି କୁହାଯାଇ ପାରିବ ନାହିଁ। ସମ୍ବିଧାନ ସମ୍ମତଭାବେ ଯେଉଁ ଜାତିଗୋଷ୍ଠୀ ରହିଛି ସେଗୁଡିକ ହେଉଛି ଅନୁସୂଚିତ ଜାତି(ଏସସି), ଅନୁସୂଚିତ ଜନଜାତି(ଏସଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)। ଏମାନେ ଯେଉଁଦିନ ନିଜର ସଂଖ୍ୟାନୁପାତରେ ଚାକିରି, ଶିକ୍ଷା, ରାଜନୀତି ଓ ବ୍ୟବସାୟ କ୍ଷେତ୍ରରେ ସମାନ ଭାଗୀଦାରୀ ହେବେ ସେହିଦିନ ଦେଶରେ ସାମାଜିକ ନ୍ୟାୟ ସ୍ଥାପିତ ହୋଇଛି ବୋଲି ଧରାଯିବ।

ସାମାଜିକ ଚରିତ୍ରକୁ ନେଇ ସମ୍ବିଧାନ ରଚନା କରାଯାଇଛି। ସମାଜରେ ଥିବା ଜାତିଗତ ତାରତମ୍ୟକୁ ଲକ୍ଷ୍ୟ କରାଯାଇଛି। ଏହି ତାରତମ୍ୟକୁ ହଟାଇବା ପାଇଁ ସାମାଜିକ ସାମ୍ୟତା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜନୀତିର ଭାଷାରେ ଏହାକୁ ସାମାଜିକ ନ୍ୟାୟ କୁହାଯାଇଛି। ଦେଶରେ ସାମାଜିକ ସାମ୍ୟତା ସେତିକି ବେଳେ ପ୍ରତିଷ୍ଠିତ ହେବ ଯେତେବେଳେ ସମସ୍ତ ଜାତିଗୋଷ୍ଠୀ ନିଜ ସଂଖ୍ୟାର ଅନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଭାଗ ପାଇପାରିବେ। ଏସସି ମାନେ ତାଙ୍କର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ କେନ୍ଦ୍ରପାଇଁ ୧୫% ଓ ଓଡ଼ିଶା ରାଜ୍ୟପାଇଁ ୧୬.୫% ଭାଗ ପାଇପାରିବେ। ଏସଟି ମାନେ କେନ୍ଦ୍ରପାଇଁ ୭.୫% ଓ ଆମ ରାଜ୍ୟପାଇଁ ୨୨.୫% ଭାଗ ସମସ୍ତ କ୍ଷେତ୍ରରେ ପାଇପାରିବେ। ଓବିସି ମାନେ ନିଜର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ୫୨% ଭାଗ ପାଇପାରିବେ। ମନେ ରଖିବାକୁ ହେବ ଯେ ସମ୍ବିଧାନ ସାମାଜିକ ସ୍ଥିତି ଅନୁଯାୟୀ ଜାତିବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି। ଏହା ସହିତ ସମାନ ଭାଗୀଦାରୀ ହେବା କଥା ମଧ୍ୟ କହିଛି। ଏହା ନହେଲେ ଜାତିବ୍ୟବସ୍ଥାକୁ ହଟାଇବା ସମ୍ଭବପର ନୁହେଁ।

ସାମ୍ପ୍ରତିକ ଅବସ୍ଥାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ଏହି ସ୍ଲୋଗାନ ଉଠୁଛି। ବିଶେଷକରି ଓବିସି ଓ ଅନୁସୂଚୀତ ବର୍ଗ ପ୍ରଭାବିତ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେଉଛନ୍ତି। ଏମାନଙ୍କ ସହିତ ସମତାକାମୀ ପ୍ରଗତିଶୀଳ ସାମାଜିକ କର୍ମୀମାନେ ମଧ୍ୟ ସାମିଲ ଅଛନ୍ତି। ରାଜନୀତିରେ ଅନଗ୍ରସର ଜନସମୁଦାୟର ନେତାମାନେ ଭାବୁଛନ୍ତି ଏହା ଏକ ପ୍ରଭାବଶାଳୀ ରାଜନୈତିକ ଇସ୍ୟୁ। ଏହି ବର୍ଗର ଲୋକମାନଙ୍କୁ ଏକଜୁଟ କରିପାରିଲେ ସହଜରେ କ୍ଷମତା ଦଖଲ କରାଯାଇ ପାରିବ। ଉଲ୍ଲେଖିତ ବର୍ଗମାନେ ମଧ୍ୟ ଅନୁଭବ କରୁଛନ୍ତି ଯେ ସେମାନେ ସମାନ ଭାଗିଦାରୀରୁ ବଞ୍ଚିତ। ତାଙ୍କୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରାଯାଉଛି। ତେଣୁ ସେମାନଙ୍କୁ ମଧ୍ୟ ଏହି ସ୍ଲୋଗାନ ପ୍ରଭାବିତ କରୁଛି। ବଞ୍ଚିତ ଗୋଷ୍ଠୀ ଏଥିରେ ସାମିଲ ନହେବେ କାହିଁକି ? ବର୍ଣ୍ଣବ୍ୟବସ୍ଥା ବା ଜାତିକୁ ନେଇ ଗୋଟିଏ ବିଭାଜିତ ସମାଜକୁ ଯୋଡ଼ିବା ପାଇଁ ଓ ସମତାଭିତ୍ତିକ ସମାଜରେ ପରିଣତ କରିବା ପାଇଁ ଏହା ସଠିକ ଉପାଦେୟ ମାଧ୍ୟମ। କାରଣ ଯେତେଦିନ ପର୍ଯ୍ୟନ୍ତ ଅନଗ୍ରସର ଜାତି ସମୂହ ସମସ୍ତ ବିଭାଗରେ ସମାନ ଭାଗୀଦାରୀ ହୋଇନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ଜାତିବିହୀନ ସମାଜ ଗଠିତ ହୋଇ ପାରିବ ନାହିଁ। ତେଣୁ ସାମାଜିକ ନ୍ୟାୟ କର୍ମୀମାନେ ଏ ମୂଳମନ୍ତ୍ରକୁ ଠିକଭାବେ ବୁଝିଛନ୍ତି ଓ ସେହି ଅନୁସାରେ ଗୋଟିଚାଳନା କରୁଛନ୍ତି।

ବର୍ତ୍ତମାନର ପରିପ୍ରେକ୍ଷୀରେ ଓଡ଼ିଶାର ରାଜନୀତିକୁ ଏହାରି ମାଧ୍ୟମରେ ବଦଳା ଯାଇ ପାରିବ ବୋଲି ବୋଧହୁଏ ଏମାନେ ଭାବୁଛନ୍ତି। ରାଜ୍ୟରେ ପଛୁଆବର୍ଗ ଓ ସାମାଜିକ ନ୍ୟାୟର ଏ ସ୍ଲୋଗାନକୁ ଏକ ଉଚ୍ଚ ଶିଖରକୁ ନିଆଯାଇ ପାରିବ ବୋଲି ଏମାନଙ୍କ ବିଶ୍ୱାସ। ଏମାନଙ୍କ ସ୍ୱର କ୍ରମେ ଅଧିକ ଶାଣିତ ହେଉଛି। ଏମାନଙ୍କ ପାଖରେ ଏକମାତ୍ର ବିକଳ୍ପ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେଇ ରାଜ୍ୟର ରାଜନୀତିକୁ ବଦଳାଇବାକୁ ଚେଷ୍ଟା କରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୪୨

## ଶକୁନିଙ୍କ ଯୋଜନା ସଫଳ ହେଲା-୨



ଯୁଧିଷ୍ଠିରଙ୍କ ମୁଣ୍ଡରେ ଭୂତ ସବାର ହୋଇଥିଲା। ସେ ବାରମ୍ବାର ହାରିବା ସତ୍ତ୍ୱେ ବାଜି ଲଗେଇ ଚାଲିଥିଲେ।

ଗାଈ, ମେଣ୍ଢା, ଗ୍ରାମ, ସହର, ପ୍ରଜା, ସେନା... ଏବଂ ଅଳଙ୍କାର। ନିଜର ଓ ଭାଇମାନଙ୍କର ପିନ୍ଧାବାସ ମଧ୍ୟ ବାଜି ରହିଲା ଓ ସେ ହାରିଗଲେ।

ଶକୁନି: ଆଉ ଖେଳିବେ? କ'ଣ ଆଉ ଅଛି ବାଜି ଲଗେଇବେ।

ଯୁଧିଷ୍ଠିର: ମୋର ଅନ୍ୟତମ ଧନ, ଏହି ନୀଳ ବର୍ଣ୍ଣର ଭାଇ ନକୁଳ।

ଖେଳ ହେଲା ଓ ଯୁଧିଷ୍ଠିର ହାରିଗଲେ।

ସମାବେଶରେ ଦର୍ଶକମାନେ ଥରିବାକୁ ଲାଗିଲେ- ଇଏ କ'ଣ ହେଉଛି!

ଇଏ ହେଉଛି ମୋ' ସବା ସାନଭାଇ ସହଦେବ, ପ୍ରଚଣ୍ଡ ଜ୍ଞାନର ଅଧିକାରୀ, ମୁଁ ତାଙ୍କୁ ବାଜି ଲଗାଉଛି।

ସତେ! ଏହି ମୋର ଦାନ ପଡ଼ିଲା, ଆହାଃ ତୁମେ ହାରିଗଲ।

ଶକୁନି ହସିଲେ- ଏଥର ବୋଧେ ଖେଳ ବନ୍ଦ ହେବ। ମାଦ୍ରୀଙ୍କ ପୁଅଙ୍କୁ ହାରିଲ! କୁନ୍ତୀଙ୍କ ପୁଅଙ୍କୁ ବୋଧେ ବାଜି ଲଗେଇବେ ନାହିଁ।

ଯୁଧିଷ୍ଠିରଙ୍କ ପାଗଳ ଅବସ୍ଥା। ମୂର୍ଖ, ଆମ ଭାଇଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରୁଛି!

ହେଇ ପୃଥିବୀର ଶ୍ରେଷ୍ଠ ବୀର ଅର୍ଜୁନଙ୍କୁ ବାଜି ରଖିଲି! ଆସ ଖେଳ! ନିମିଷକେ ହାରିଗଲେ ଅର୍ଜୁନଙ୍କୁ .....

ଯୁଧିଷ୍ଠିରଙ୍କର ପାଗଳର ମୁଣ୍ଡ। ଭୀମ ଓ ମୁଁ ରହିବୁ କାହିଁକି?

ସେ ଭାବିଲେ ଓ ବାଜି ରଖିଲେ ଭୀମଙ୍କୁ।

ବାସ୍ ହରେଇଲେ ଭୀମଙ୍କୁ ଓ ନିଜକୁ! ସେ କାହା ମୁହଁକୁ ଚାହୁଁନଥିଲେ। ତାଙ୍କୁ ଦିଶୁଥିଲା କେବଳ ପଶା ଓ ଦାନ।

ଶକୁନି: ଏବେ ବି ତୁମ ପାଖରେ ରତ୍ନଟିଏ ଅଛି। ତାକୁ ବାଜି ଲଗେଇଲେ ତୁମେ ସମସ୍ତଙ୍କୁ ମୁକୁଳେଇ ପାରିବ? ସେ ହେଉଛି ଦ୍ରୌପଦୀ। ଖେଳିବ?

ହଁ। ମୁଁ ଦ୍ରୌପଦୀଙ୍କୁ ବାଜି ରଖିଲି।

ହାରିଗଲେ ଯୁଧିଷ୍ଠିର।

ନିୟତିର ଇଚ୍ଛା ପୂର୍ଣ୍ଣ ହେଲା। ପାଣ୍ଡବ ଭାଇମାନଙ୍କର କିଛିନାହିଁ। ସେମାନେ ନିଜର ବି ନୁହଁନ୍ତି। ରାସ୍ତାର ଭିକାରୀ ମଧ୍ୟ ସେମାନଙ୍କଠାରୁ ଭଲ।

ଦୁର୍ଯ୍ୟୋଧନ ଚିତ୍କାର କଲେ- ବିଦୁର! ତୁମେ ଯାଅ ଦ୍ରୌପଦୀଙ୍କୁ ନେଇ ଆସିବ। ଏହି ସଭାକୁ। ସେ ଆମର ଚାକରାଣୀ ହୋଇ ଘର ପୋଛିବ।

ବିଦୁର ବିସ୍ଫୋରଣ କରିଉଠିଲେ- ତୁମେ ପାଗଳ ହୋଇଗଲ କି ଦୁର୍ଯ୍ୟୋଧନ! କ'ଣ କରୁଛ ତୁମକୁ ଜଣାଅଛି! ପରିବାରକୁ ଧ୍ୱଂସ କରିବାକୁ ଚାହୁଁଚ?

ଏତିକି କହି ସମବେତ ବୟସ୍କମାନଙ୍କୁ ସେ କହିଲେ- ତୁମେ କୁହ, ନିଜକୁ ହରାଇ ସାରିବାପରେ ଯୁଧିଷ୍ଠିର, ଦ୍ରୌପଦୀଙ୍କୁ ବାଜି ଲଗେଇ ପାରିବେ କି? ମୋତେ ଜଳ ଜଳ ହୋଇ ଦିଶୁଚି କୌରବ ଭାଇମାନଙ୍କ ଉପରକୁ ଧ୍ୱଂସର ବାଦଲ ମାଡ଼ିଆସୁଛି!

ଦୁର୍ଯ୍ୟୋଧନ ବିଦୁରଙ୍କ କଥା ଶୁଣି ରାଗିଲେ। କହିଲେ- ବିଦୁର ଆମମାନଙ୍କୁ ଘୃଣା କରନ୍ତି। ଆମର ସଫଳତା ସେ ସହିପାରୁନାହାଁନ୍ତି। ପାଣ୍ଡବ ଭାଇମାନଙ୍କୁ ସେ ଡରୁଛନ୍ତି। ହେ ସାରଥୀ ପ୍ରଥିକାମୀ, ବିଦୁର ଯିବେନାହିଁ। ତୁମେ ଯା' ଓ ଦ୍ରୌପଦୀଙ୍କୁ ଆଣି ଏହି ସଭାରେ ହାଜର କରାଅ! ସେ ଆମର ପ୍ରାସାଦରେ ଚାକରାଣୀ ରହିବେ।

ସାରଥୀ ପ୍ରଥିକାମୀ ଚାଲିଗଲେ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮



# ଗଛ ଲଗାଇବା ଆସରେ ଭାଇ

ରୂପେଶ ରଂଜନ ରାଉତ

ଗଛ ଲଗାଇବା ଆସରେ ଭାଇ
ଆମ ପରିବେଶର ଉନ୍ନତି ପାଇଁ।

ଗଛ ଅଟେ ପରା ଆମ ଜୀବନ
ଗଛ ବିନା କି ମିଳେ ପବନ।

ଅଙ୍ଗାରକାମ୍ଳକୁ ସେ କରେ ଗ୍ରହଣ
ଆମକୁ ଦିଏ ସେ ଅମଳଜାନ।

ତାର ଚେର ମୂଳେ ପୁଣି ଔଷଧ ହୁଏ
ଫୁଲ ଫଳରେ ସେ ମନକୁ ମୋହେ।

ଗଛ ବିନା ପରା ବରଷା ନାହିଁ
ଦୁର୍ଭିକ୍ଷ ମରୁଡ଼ି ଆସବ ଧାଇଁ।

ପଣ କରି ଗଛ ଲଗାଅ ଭାଇ
ଆମ ପରିବେଶର ଉନ୍ନତି ପାଇଁ।

ପରିବେଶର ଆମ ହେଲେ ଉନ୍ନତି
ସୁନ୍ଦରେ ହସିବ ଆମ ଧରିତ୍ରୀ।

ନନ୍ଦିଗ୍ରାମ, ନାଉଗାଁହାଟ,
ଜଗତସିଂହପୁର

# ପୋତିବା ଗଛ

କବି କାଳୀ ଦାସ

ଚାଲ ଭାଇ ଏବେ ପୋତିବା ଗଛ
ଆମକୁ ଦେବ ସେ ଅମ୍ଳଜାନ।
ପ୍ରଦୂଷଣର ନଥିବ ଭୟ।
ଜୀବ ଜନ୍ତୁଙ୍କୁ ସେ ଦେବ ଆଶ୍ରୟ।
କାଟିବ ନାହିଁ ଗଛକୁ କେବେ।
ଫଳ ଫୁଲରେ ଭରିଥିବ ସେ ଯେବେ
ଆମ ମନକୁ ସେ ଆନନ୍ଦ ଦେବ।
ସାଥି ଟିଏ ପରି ସେବା କରିବ।
ଗଛ ଆମ ପାଇଁ ମୂଲ୍ୟବାନ
ତା ପ୍ରତି ଆମେ ଦେବା ତ ଧ୍ୟାନ।

ବ୍ରହ୍ମପୁର,ଖୋଡାସିଂଗି
କଳିଙ୍ଗନଗର,ଗଞ୍ଜାମ-୭୬୦୦୧
ମୋ-୭୨୦୫୧୦୦୮୩୯





# ଝିପି ଝିପି ବର୍ଷା

ଶୁଭେନ୍ଦୁ କୁମାର ମହାପାତ୍ର

ବରଷା ଆସିଛି ଧରାକୁ ଛୁଇଁଛି
ତନୁ ମନ ପୁଲକିତ
ଗ୍ରୀଷ୍ମର ନିଦାଘ ଉଭେଇ ଯାଉଛି
ପ୍ରତୀକ୍ଷାର କରି ଅନ୍ତ।

ଝିପି ଝିପି ବର୍ଷା ଧରା ଛୁଇଁଥାଏ
ଆଶ୍ୱାସନା ଭରି ଦିଏ
ହସ ଖୁସି ଭରେ ପୃଥିବୀ ବକ୍ଷରେ
ଶାନ୍ତିଟି ବିରାଜି ଥାଏ।

କଳା ଓଢ଼ଣୀରେ ଆଚ୍ଛାଦନ କରି
ଚଉଦିଗ ରଖିଥାଏ
ମଝିରେ ମଝିରେ ଜୀବ ଜଗତକୁ
ଶୀତଳ ପରଶ ଦିଏ।

ନବ ପଲ୍ଲବରେ ବୃକ୍ଷ ଲତା ଯେତେ
ପଲ୍ଲବିତ ହୋଇଥାନ୍ତି
ନାନା ବିଧ ଫଳ ପୁଷ୍ପ ସମ୍ଭାରରେ
ମନ ମୋହି ନେଇଥାନ୍ତି।

କୋହଲା ପବନ ଅଳସ ଭରଇ
ଶିହରଣ ସୃଷ୍ଟି କରେ
ବିଜୁଳି ଚମକ ଘଡ଼ ଘଡି ଶବ୍ଦ
ମନରେ ଛନକା ଭରେ।

ଚଷାପୁଅ ବିଲେ ବେଉଷଣ କାମ
ଖୁସିମନେ କରିଥାଏ
ମେଘ ଖଣ୍ଡମାନ ଆକାଶରେ ଦେଖି
ହରଷରେ ଗୀତ ଗାଏ।

ବନ୍ୟ ପ୍ରାଣୀ ଯେତେ ଆଶ୍ୱାସନା ପାଇ
କଳରବ କରିଥାନ୍ତି
କୀଟ ଓ ପତଙ୍ଗ ନାନା ଶବ୍ଦ କରି
ଆନନ୍ଦରେ ଡେଇଁଥାନ୍ତି।

ବାଣୀନିଳୟ, ଚାଉଳିଆ,
ମଙ୍ଗଳପୁର, ଯାଜପୁର
ଫୋନ୍-୯୪୩୮୦୬୪୯୦୮

# ବରଷା ରାଣୀ ଲୋ ବରଷା ରାଣୀ

ସୁଜିତ କୁମାର ମିଶ୍ର

ବରଷା ରାଣୀ ଲୋ ବରଷା ରାଣୀ,
ସଭିଙ୍କୁ ଛୁଇଁଯା ମେଲି ଓଢଣୀ।
ତୋ ସାଥେ ଆଣିବୁ ସୁଖ ସମୃଦ୍ଧି,
ସବୁଜିମା ହେବ ଶୁଷ୍କ ପୃଥିବୀ।
ବରଷି ଗଲେ ତୁ ଚାଷୀ କ୍ଷେତରେ,
ଆହାର ଦେବ ସେ ଜୀବ ପାଟିରେ।
ତାତିରେ ଅଶାନ୍ତ ସୁନ୍ଦର ମହୀ,
ଶୀତଳ ହୋଇବ ଆସିଲେ ତୁହି।
ଭସାଇବେ ଡଙ୍ଗା କୁନା ଓ ମୁନା,
ଲେଖିବେ ତୋ ପାଇଁ ଗୀତ, ରଚନା।
ବସିବ ବେଙ୍ଗୁଲୀ ବେଙ୍ଗଙ୍କ ସଭା
କେଁ କଟର ଶବ୍ଦେ ବଢିବ ଶୋଭା।
ବରଷା ରାଣୀ ତୁ ଦରଦୀ ସଖୀ,
ସଭିଏଁ ତୋ ପାଇଁ ସଂସାରେ ସୁଖୀ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨



# ଆସି ଗଲା ଏବେ ବରଷା ଦିନ

କୀର୍ତ୍ତନ ସାହୁ



ଆସି ଗଲା ଏବେ ବରଷା ଦିନ
ପାଣିରେ ଏଥର ଖେଳିଲେ ମୀନ
ବାଟ ଘାଟ ଚପଚପ
ବରଷା ପାଣିରେ ଭିଜିବା ନାହିଁରେ
ହୋଇପାରେ ଜର କମ୍ପ।

ବରଷା ଦିନରେ ବୁଲିବା ନାହିଁ
ଦାଣ୍ଡରେ ବାଡ଼ିରେ ଖେଳିବା ନାହିଁ
ଭିଜି ଯିବ ଦେହ ମୁଣ୍ଡ
ଦେହ ଖରାପରେ ପଡ଼ିଲେ ଆମେରେ
କା ଆଗେ ଖୋଲିବା ତୁଣ୍ଡ।

କୂଅ ପୋଖରୀରେ ଭରିବ ଜଳ
ନଈ ପାଣି ବଢ଼ି ବଢିବ ବଳ
ଚଳିବା ସତର୍କ ହୋଇ
ବରଷାର ମାତ୍ରା ଅଧିକ ହୋଇଲେ
ରାସ୍ତା ଘାଟ ନେବ ଧୋଇ।

ଜହ୍ନି ଫୁଲ ବାଡି ବାଡ଼ିରେ ଫୁଟେ
ତା ସାଙ୍ଗରେ କିଆ କେତକୀ ଜୁଟେ
ଶୋଭା କେଡ଼େ ବଢ଼ି ଯାଏ
ବାଟେ ଘାଟେ ଚାଲି ଯାଉଥିବା ଲୋକ
କେତେ ଯେ ଆନନ୍ଦ ପାଏ।

ଛତା ବରଷାତି ସାଙ୍ଗରେ ନେବା
ମେଘ ବରଷାକୁ ଧ୍ୟାନଟି ଦେବା
ବିଦ୍ୟାଳୟ ଯେବେ ଯାଉଁ
ସତର୍କ ହୋଇକି ଚଳି ଶିଖିଥିଲେ
ଆଦର ହିଁ ପାଇ ଥାଉଁ।

ମିଶ୍ରକଲୋନୀ,ଶାଳପଡ଼ା,କେନ୍ଦୁଝର
ଦୂରଭାଷ- ୯୪୩୮୪୧୪୭୦୧

# ପଢ଼ିଲେ ଜାଣିବ ସବୁ

ନୀଳମଣି ଚାନ୍ଦ



ଯେଉଁଠୁ ସମୁଦ୍ର ହୋଇଛି ଆରମ୍ଭ
ସେଇଠି କି ଗାଆଁ ଶେଷ
ଜହ୍ନ ଯଦି ମାମୁ କୁହ ସିଏ କିଆଁ
ନିତି ବଦଳାନ୍ତି ବେଶ।

କେତେ ପାଠ ଅଛି କୁହ ଦେଲେ ପଢ଼ି
ଯିବ ସବୁ ପାଠ ସରି
ପହଁରି ପାରୁନା କେବେ ଆମେ କିଆଁ
ସମୁଦ୍ରରେ ତିମି ପରି ?

କାନ୍ଥରେ ଚାଲିଲେ ଝିଟିପିଟିଟିଏ
କାହିଁ ତ ଯାଏନା ପଡ଼ି
କେମିତି ପାରୁଛି ସମୟ ଯେ କହି
ଟିକ୍ ଟିକ୍ ଚାଲି ଘଡ଼ି।

ଜେଜେ ତ ଡାକିଲେ 'ଆଜ୍ଞା' ସେ କହେ
ହେଲେ ସିଏ ଡାକେ ଯେବେ
ଆଜ୍ଞା ବୋଲି ଜେଜେ ତାକୁ କହିବାର
ଶୁଣିନି ସିଏରେ କେବେ।

ଯାହାକୁ ଦେଖିଲେ ଏହିଭଳି ପ୍ରଶ୍ନ
କରୁଥାଏ ଆମ ବୁବୁ
ମାଆ ତ କହିଲେ ପଢ଼ ମନଦେଇ
ପଢ଼ିଲେ ଜାଣିବ ସବୁ।

ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

# କୁନି କାଉଡିଆ ମୁହିଁ...

ରାମଚନ୍ଦ୍ର ବେହେରା



କୁନି କାଉଡିଆ ମୁହିଁ
କାନ୍ଧେ ଜଳଭାର ଥୋଇ ମୁଁ ଯାଉଛି
ଶିବଙ୍କୁ ପୂଜିବା ପାଇଁ।
ଶିରାବଣ ସୋମବାରେ
ଫୁଲ ବେଲପତ୍ର ଦେଇ ମହେଶଙ୍କୁ
ଜଳ ଚଢାଇବି ଶିରେ।
ଓଁ ନମଃ ଶିବାୟ ଗାଇ
ଶ୍ରଦ୍ଧାଭାବ ସହ ପୂଜିବି ଦିଅଁଙ୍କୁ
ବିନୟ ସ୍ୱଭାବ ପାଇଁ।
ଦୀପଟିଏ ଦେବି ଜାଳି
ହିଂସା ରାଗ ରୋଷ ନରହୁ ପରାଣେ
କରିବି ପ୍ରଭୁଙ୍କୁ ଅଳି।
କରିବି ଭକ୍ତି ଗୁହାରି
ଅଧର୍ମ ଅନୀତି ଦୂର ହୋଇଯାଉ
ମଙ୍ଗଳ ହେଉ ସବୁରି।
ମୋ ଦୁଃଖ ହୃଦେ ସୁମରି
କୋପେ ବର ଅବା ତପେ ବର ପ୍ରଭୁ
ଢାଳିବେ କରୁଣା ବାରି।
କରି ପୂଣ୍ୟ ଜଳଦାନ
ଶିବ କୃପା ସହ ଫେରି ମୁଁ ଆସିବି
ମୋ ବ୍ରତ ହୋଇବ ପୂର୍ଣ୍ଣ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୬୭୩୪୩୪୬

# ବରଷା ଝରିଲା

ଜୟନ୍ତ କୁମାର ମଲ୍ଲିକ୍





ବରଷା ଝରିଲା ଝରଝର
ଚାଷୀ ଭାଇ ହେଲା ତରତର
ସଞ୍ଜ ହେବା ଯାଏଁ ଧାନ ରୋଉ ଅଛି
ହୋଇ କାଦୁଅରେ ସରସର।

ମାରୁଅଛି ଖାଲି ଘଡଘଡି
ଚମକେ ତା'ସାଥେ ଚଡଚଡି
ପାଣିରେ ଭିଜିକି ସାଙ୍ଗସାଥି ମେଳେ
ବେଙ୍ଗୁଲି ନାନୀଟା ଛାଡ଼େ ରଡି।

ଝିଣ୍ଟିକା ଭୋକରେ ଘାରି ହୁଏ
ପିମ୍ପୁଡ଼ି ଖୁସିରେ ଖାଇ ଶୁଏ
ଅଳସୁଆ ବୋଲି ଖାଦ୍ୟ ନରଖିକି
ଏବେ ହଟହଟା ସିଏ ହୁଏ।

ପଖିଆ, ଛତା କେ ନେଇଥାଏ
କିଏ ବର୍ଷାତିକୁ ଭଲପାଏ
ବରଷା ଋତୁରେ ଏସବୁ ଜିନିଷ
ପ୍ରତି ଘରେ ଘରେ ଖୋଜା ଯାଏ।

ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭



# ଜହ୍ନ ତାରା

ବିଜୟଲକ୍ଷ୍ମୀ ପାଣିଗ୍ରାହି

ରଜନୀ ରାଣୀ ଆସେ ଧରାକୁ
କଳା ଓଢଣୀକୁ ଟାଣି
ନିରବି ଯାଏ ଜନ ଗହଳି
ଦିଶେ ନାହିଁ ତାର ଠାଣି।
ଅନ୍ଧାର ରାତି ଚଷମା ଫାଙ୍କେ
ଖେଳଥାନ୍ତି କେତେ ତାରା
ତାଙ୍କରି ମେଳେ ଚନ୍ଦ୍ରମା ମାମୁ
ହସବୁଣେ ରାତି ସାରା।
ଅନ୍ଧାର ଭୟ ଦୂରେଇବାକୁ
ରାତି ଉଜାଗର ରହି
ସାରାକାଳ ସେ ସେବା କରନ୍ତି
ଶୀତ, ଖରା, ବର୍ଷା ସହି।
ମାଆ କୋଳରୁ ଉଷୁମ ଟାଣି
ମିନି ଶୁଣୁଅଛି ଗପ
ଜଗତ ହିତେ କାମ ନ କଲେ
ତାହା ବୋଲାଏ ପାପ।
କହିଲା ମିନି ପାହାନ୍ତି ତାରା
ତୋ'ପରି ହେବି ମୁହିଁ
ତୋ ନାମ ଗୁଣେ ହେବି ସମ୍ପୂର୍ଣ୍ଣ
ଜଗତ ଥିବ ଚାହିଁ।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦



# ହୋଇବା ଭଲ ଚାଟ

ପ୍ରଫୁଲ୍ଲ କୁମାର ସାହୁ



ଚାଟ ସୁନ୍ଦର ପାଠ ପଢିଲେ
ବାଟ ସୁନ୍ଦର ଶୁଙ୍ଖଳା ଥିଲେ
ପଢ଼ିବା ଆମେ ପାଠ,
ପଢ଼ିଲେ ପାଠ ମନ ଲଗାଇ
ହୋଇବା ଭଲ ଚାଟ ।୧।

ଗାଆଁ ସୁନ୍ଦର ମନ୍ଦିର ଥିଲେ
ମନ୍ଦିର ପାଖେ ପୋଖରୀ ଥିଲେ
ଦିଶଇ ଭାରି ଭଲ,
ନିଜ ଗାଆଁର ପରିବେଶକୁ
ସଫା ରଖିବା ଚାଲ ।୨।

ବାଡି ସୁନ୍ଦର ଗଛଟେ ଥିଲେ
ଗଛ ସୁନ୍ଦର ଫୁଲ ଫୁଟିଲେ
ଆସରେ ଆସ ପିଲେ,
ନିଜ ବାଡ଼ିରେ ଗଛ ଲଗାଇ
(ତା'ର) ଯତନ ନେବା ଭଲେ ।୩।

ଘର ସୁନ୍ଦର ସଫା ରଖିଲେ
ଘର ଜିନିଷ ସାଇତି ଥିଲେ
ଆଖିକୁ ଦିଶେ ଭଲ,
ଘର ଜିନିଷ ନିଜେ ସଜାଡି
ଯତନ ନେବା ଚାଲ ।୪।

ସ୍କୁଲ ସୁନ୍ଦର ପିଲାଙ୍କ ପାଇଁ
ସକାଳୁ ଉଠି ଆସନ୍ତି ଧାଇଁ
ପିଲାଏ ମିଳିମିଶି,
ପାଠ ପଢନ୍ତି ଖେଳ ଖେଳନ୍ତି
ସଭିଏଁ ହୋଇ ଖୁସ ।୫।

ଭାରି ସୁନ୍ଦର ଆମ ଏ ଧରା
ଯେଉଁ ମାଟିରେ ଜନମ ପରା
କରିବା ତା'ର ସେବା,
ବିପଦ ବେଳେ ଲଢେଇ କରି
ଜୀବନ ଆମେ ଦେବା ।୬।

ଯଦୁ-ମାଳତୀ କୃପା ନିବାସ,
ଶକ୍ତି ବିହାର/ବାଲିପଡ଼ା,
ମାହାଙ୍ଗା, କଟକ
ମୋ-୭୬୦୯୦୪୪୩୮୩

# 'ଓଡ଼ିଶା ସାମ୍ବାଦିକତାର ଅମୂଲ୍ୟ ରତ୍ନ - ମୋ ପିତାଙ୍କୁ ବିଦାୟ



ଶେଖ୍ ଅବଦୁଲ ହନିଫ

(ତୁଳସୀ ଦୁଇ ପତ୍ରରୁ ବାସେ। ତଳଲିଖିତ ଆଲେଖ୍ୟରୁ ଏହା ପ୍ରମାଣିତ ହେଉଛି। ଗତ ଏପ୍ରିଲ ୧୮ରେ ଆମ ସମ୍ବାଦ କଳିକାର ବାର୍ତ୍ତା ସଂପାଦକ ୫୬ ବର୍ଷ ବୟସରେ ହୃଦଘାତରେ ଚାଲିଗଲେ। ସେତେବେଳକୁ ତାଙ୍କ ପୁଅ ଲକି(ଶେଖ୍ ଅବଦୁଲ ହନିଫ) ୧୦ମ ପରୀକ୍ଷା ଦେଇଥାଏ। ରେଜଲ୍ଟ ବାହାରିଲାବେଳକୁ ସେ ୯୦ ପ୍ରତିଶତ ରଖି ପାଶ୍ କରିଥିଲେ ମଧ୍ୟ ସେହି ଖୁସି ଖବର ଶୁଣିବାକୁ ତା ବାପା ନଥିଲେ। ଲକି ତା ବାପାଙ୍କ ଅତ୍ୟନ୍ତ ପ୍ରିୟ ଥିଲା। ସେ ଯେତିକି ଶାନ୍ତଶିଷ୍ଟ, ସେତିକି ବୁଦ୍ଧିମାନ। ତା ବାପାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଡାକ୍ତରୀ ପାଠପ୍ରତି ଆଗ୍ରହୀ ହୋଇ ସେ ଡାକ୍ତରଟିଏ ହେବାର ଇଚ୍ଛା ପୋଷଣ କରିଛି ଏବଂ ସେହି ଅନୁଯାୟୀ ପାଠ ପଢୁଛି। ତଳ ଲିଖିତ ଆଲେଖ୍ୟଟି ସେ ତା ବାପା ପାଇଁ ଲେଖିଛି ଯାହା ଆଜିକାର ପିଲାଙ୍କ ପାଇଁ ଉଦାହରଣ ନିଶ୍ଚୟ। ଆସନ୍ତୁ ପଢିବା...)



(ଫାଇଲ୍ ଫଟୋ)

ଆଜି ମୁଁ କେବଳ ଏକ ଶୋକାକୁଳ ପୁତ୍ର ଭାବେ ନୁହେଁ, ବରଂ ଏକ ଗର୍ବିତ ପୁତ୍ର ଭାବେ ଏହି ଶବ୍ଦଗୁଡ଼ିକୁ ଲେଖୁଛି, କାରଣ ମୋ ପିତା ମୋର ଦିଗଦର୍ଶକ ଥିଲେ।

୩୦ ବର୍ଷରୁ ଅଧିକ ସମୟ ଧରି ସେ ସାମ୍ବାଦିକତାକୁ ନିଜ ପେଶା ହିସାବରେ ଗ୍ରହଣ କରିଥିଲେ ଏବଂ ସେଥିପାଇଁ ନିଜର ବହୁମୂଲ୍ୟ ସମୟ ଦେଇଥିଲେ। ଓଡ଼ିଶାର ଲୋକମାନଙ୍କ ପାଇଁ ସେ ଥିଲେ ସତ୍ୟ, ନ୍ୟାୟ ଓ ସ୍ୱଷ୍ଟବାଦିତାର ଜଣେ ଆଗ ଧାଡ଼ିର ଯୋଦ୍ଧା। ସେ କେବଳ ଜଣେ ସାମ୍ବାଦିକ ନଥିଲେ, ସେ ଥିଲେ ଜଣେ ଶବ୍ଦଯୋଦ୍ଧା, ଏକ ସତ୍ୟର ସୂର୍ଯ୍ୟ ଏବଂ ଲୋକମାନଙ୍କର ଭରସାର ଅନ୍ୟ ନାମ।

ବାହାର ଜଗତ ପାଇଁ ସେ ଥିଲେ ଜଣେ ସମ୍ମାନିତ ବାର୍ତ୍ତା ସମ୍ପାଦକ, ଜଣେ ନିର୍ଭୀକ ସାମ୍ବାଦିକ କିନ୍ତୁ ମୋ ପାଇଁ ସେ ଥିଲେ – ମୋ ଗୁରୁ, ମୋର ପ୍ରେରଣା ଏବଂ ମୋ ଜୀବନର ଆଶ୍ରୟ।

ତାଙ୍କ ବିଦାୟ ମୋ ଜୀବନରେ ଏମିତି ଏକ ଶୂନ୍ୟତା ସୃଷ୍ଟି କରିଛି, ଯାହା କୌଣସି ଶବ୍ଦ ପୂରଣ କରିପାରିବ ନାହିଁ। କିନ୍ତୁ ସେ ଦେଇଥିବା ଶିକ୍ଷା, ମୂଲ୍ୟବୋଧ ଓ ସମ୍ବେଦନଶୀଳତା ସଦା ମୋ ସହିତ ରହିବ।

ବିଦାୟ, ପାପା।

ତୁମର କଲମ ବନ୍ଦ ହୋଇଯାଇଛି, କିନ୍ତୁ ତୁମର ବାର୍ତ୍ତା ଓ ନିର୍ଭୀକତା ଏହି ଜନମଞ୍ଚରେ ଅମର ରହିବ। ସହ ସମସ୍ତଙ୍କୁ ପ୍ରେରିତ କରୁଥିବ।

ତୁମର ପୁତ୍ର,
'ଲକି'





# ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ




କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଳବୀ ଚକ୍ରଧର ବେହେରା । ଏହି ମହାନାୟକଙ୍କ ତ୍ୟାଗ, ତିତିକ୍ଷା, ନିଷ୍ଠା, ସଂଘର୍ଷ, ସାହସ, ସ୍ୱାଭିମାନ ଓ ଦେଶପ୍ରେମ ଅବର୍ଣ୍ଣନୀୟ ଅଟେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ । ବ୍ରିଟିଶ ଓ ରାଜକୀୟ ଶାସନର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆଜୀବନ ପ୍ରଜାଙ୍କ ହିତ ପାଇଁ ଲଢେଇ କରିଥିଲେ ବୋଲି ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଡାକ୍ତର ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇ ଚକ୍ରଧର ବେହେରାଙ୍କ ତ୍ୟାଗପୂତ ଜୀବନାଦର୍ଶର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ଓ ଅନନ୍ୟ ବ୍ୟକ୍ତିତ୍ୱ । ଚକ୍ରଧର ବେହେରା ଥିଲେ କନିକା କ୍ରାନ୍ତିର ମହାନାୟକ। ସେ ସମୟରେ ଅତ୍ୟଧିକ କର ବା ଖଜଣା ପ୍ରଜାମାନଙ୍କ ମଧ୍ୟରେ ଏକ ନିରନ୍ତର ଘୃଣାର ଉତ୍ସ ପାଲଟିଥିଲା। ସେ ରାଜାଙ୍କ ହିସାବ ରକ୍ଷକ ଭାବରେ କାର୍ଯ୍ୟ କରୁଥିବା ସମୟରେ, ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ଏବଂ ପ୍ରଜାମାନଙ୍କ ଅଧିକାର ସୁରକ୍ଷିତ କରିବା ପାଇଁ ରାଜାଙ୍କ ବିରୁଦ୍ଧରେ ଆନ୍ଦୋଳନ ସଂଗଠିତ କରିଥିଲେ । କନିକା ପ୍ରଜା ଆନ୍ଦୋଳନ ପାଇଁ କେବଳ ଚକ୍ରଧର ବେହେରା ନୁହଁନ୍ତି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ କାରାବରଣ କରିଥିଲେ । କନିକା ପ୍ରଜାମୁକ୍ତି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେହି ଅଞ୍ଚଳର ପ୍ରଜାଙ୍କୁ ସ୍ୱାବଲମ୍ବୀ କରିବା । ତାଙ୍କୁ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ବୋଲି ଉଲ୍ଲେଖ କରି ଏହି ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ ଆଗାମୀ ପିଢ଼ି ଜାଣିବା ନିହାତି ଆବଶ୍ୟକ ବୋଲି ଡ. ଦାସ ଉଲ୍ଲେଖ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣରେ କହିଥିଲେ ଯେ ଚକ୍ରଧର ବେହେରା ଥିଲେ ଜଣେ ସାଲିସ ବିହୀନ କ୍ରାନ୍ତିକାରି ପୁରୁଷ। ସେ ସମୟରେ ରାଜାଙ୍କ ଦ୍ୱାରା ଆଦାୟ କରାଯାଉଥିବା ୬୪ ପ୍ରକାର କର ଯାହା ପ୍ରଜାମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା, ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କନିକା ପ୍ରଜା ଆନ୍ଦୋଳନକୁ ସେ ସାମାଜିକ କ୍ରାନ୍ତିରେ ପରିଣତ କରିଥିଲେ । ଏହି ଆନ୍ଦୋଳନକୁ ତୀବ୍ରତର କରି ସେ ବ୍ରିଟିଶ ଶାସନ ତଥା ସ୍ଥାନୀୟ ରାଜାଙ୍କ ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରି କାରବରଣ କରିଥିଲେ। ସେ କନିକା ରାଜା କିମ୍ବା ବ୍ରିଟିଶ କର୍ତ୍ତୃପକ୍ଷଙ୍କ ନିକଟରେ ମୁଣ୍ଡ ନୁଆଁଇ ନଥିଲେ । ଚକ୍ରଧର ବେହେରା କେବଳ ଏକ ଜନନେତା ନ ଥିଲେ ବରଂ ସେ ଲୋକମାନେ ଭିତରେ ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ଆଲୋକ ଜାଗ୍ରତ କରିଥିଲେ। ତାଙ୍କର ଜୀବନାଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ଦାସ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ ମହାନ ଜନନାୟକ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତି ଚାରଣ କରିବା ପୂର୍ବକ ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତରଙ୍ଗ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ଚକ୍ରଧର ବେହେରା ସ୍ମୃତି ସଂସଦର ସହସମ୍ପାଦକ ତଥା ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡା ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜୟଦେବ ଭବନର ଉପନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଓଡ଼ିଶା ଗସ୍ତରେ ଆସାମ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରାମେନ୍ଦ୍ର ନାରାୟଣ କାଲିଟାଙ୍କ ଅଧକ୍ଷତାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ସହ ରାଜ୍ୟ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ଅଧକ୍ଷ ପଦ୍ମଲୋଚନ ପଣ୍ଡା ଏବଂ ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପଦ୍ମଚରଣ ହାଇବୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଖିଳ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ମଙ୍ଗୁ ଖିଲ ପ୍ରମୁଖଙ୍କ ସହ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ ରାଜ୍ୟରେ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣାଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ ୪ଟି ଆର୍ଥିକ କମିଟି, ଆକାଉଂଟ କମିଟି, ଏଷ୍ଟିମେଟ୍ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ୍ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନେଟିଜ୍ କମିଟି ସମେତ ଆଡ୍-ହକ୍ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଏହି ବୈଠକ ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅସ୍ତିତ୍ୱ ବଞ୍ଚାଇବା ପାଇଁ ବିଜେଡି ଓ କଂଗ୍ରେସର ଆନ୍ଦୋଳନ : ବିଜେପି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ମୃତା ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଯାହା ଆବଶ୍ୟକ ପଡିବ, ତାହା କରିବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ। ଏହି ଅଭାବନୀୟ ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଖୋଦ ନିଜେ ଦୁଇ ଥର ଯାଇ ଘଟଣାର ତଦାରଖ କରିଛନ୍ତି। ଯେଉଁମାନେ ଛାତ୍ରୀଙ୍କୁ ଅପମାନିତ କରି ଆତ୍ମହତ୍ୟା ପାଇଁ ପ୍ରବର୍ତାଇଛନ୍ତି, ତାଙ୍କୁ ମଧ୍ୟ ଅନୁଧାନ କରାଯାଉଛି । ପୀଡିତାକୁ ନ୍ୟାୟ ଦେବା ହେଉଛି ଏକମାତ୍ର ଲକ୍ଷ୍ୟ । ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବାକୁ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି । ବିଜେପି ସରକାର ମହିଳା ବିକାଶ ଓ ସଶକ୍ତିକରଣ ପ୍ରତି ସମର୍ପିତ । ମହିଳା ହିଂସାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ।ପ୍ରମୁଖ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସମ୍ବେଦନହୀନତାର ସମସ୍ତ ସୀମା ଉଲ୍ଲଂଘନ କରି ହୀନ ରାଜନୀତି ଆରମ୍ଭ କରିଦେବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ବିଜେଡି ଅନୁମତି ନେଇଥିବାବେଳେ ହିଂସାତ୍ମକ ଆଚରଣ କରିଥିଲା । କିନ୍ତୁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଧର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିଥିବାରୁ ପୋଲିସ ପ୍ରଶାସନ ଧନ୍ୟବାଦର ପାତ୍ର । ନିଜ ଅସ୍ତିତ୍ୱ ବଂଚାଇବା ପାଇଁ ବିଜେଡି ଲୋକସେବା ଘେରାଓ ନାମରେ ଆନ୍ଦୋଳନ କରିଛି । ମାତ୍ର ହାତଗଣତି କିଛି ନେତା ଓ ଅଳ୍ପ ସଂଖ୍ୟା କର୍ମୀମାନେ ଉପସ୍ଥିତ ଥିଲେ । ଯାହାକି, ଆଜିର ଘେରାଓ ଡାକରାକୁ ବିଜେଡି କର୍ମୀମାନେ ସମର୍ଥନ କରୁନଥିବା ସ୍ପଷ୍ଟ ହୋଇଛି । ନିଜ ୨୪ ବର୍ଷ ଶାସନରେ ବିଶ୍ୱସ୍ତରୀୟ ହସପିଟାଲ ଓ ଚିକିତ୍ସା ବ୍ୟବସ୍ଥା କରିଥିବାର ବାହାସ୍ଫୋଟ ମାରୁଥିବା ବିଜେଡି ନେତାମାନେ କାହିଁକି ଆଜି ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ? ବାସ୍ତବରେ ବିଜେଡି ଦୁର୍ବଳ ହେବାରେ ଲାଗିଛି । ଅନ୍ୟ ପଟେ ବିଜେଡିର ଭାଇ କଂଗ୍ରେସର ମଧ୍ୟ ସମାନ ପରିସ୍ଥିତି । ଗଣତନ୍ତ୍ରରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାକୁ ଶ୍ରୀ ତ୍ରିପାଠୀ ଉଭୟ ବିଜେଡି ଓ କଂଗ୍ରେସ ଦଳକୁ ପରାମର୍ଶ ଦେଇଛନ୍ତି। ଇତିହାସକୁ ମନେ ପକାଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ନାରୀ ନିର୍ଯ୍ୟାତନାର ଶିକାର ହୋଇଥିବା ଇତିଶ୍ରୀ, ବେବିନା, ମାଧବିଲତା, ମମିତା, ସ୍ମିତାରାଣୀଙ୍କ ସମେତ ଅନେକ ପରିବାରକୁ ନ୍ୟାୟ ଦେଇପାରିନଥିବା ବିଜେଡି ଶାସନ ଆଜି ମହିଳା ସୁରକ୍ଷା ପ୍ରସଙ୍ଗରେ ବିବୃତି ଦେବା ଅତ୍ୟନ୍ତ ହାସ୍ୟାସ୍ପଦ । ୨୦୧୮ ମସିହା ଜାନୁଆରୀ ୨ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟ ପୁରସ୍କାର କିଣି ଭୁବନେଶ୍ୱରରେ ଉତ୍ସବ ପାଳନ କରୁଥିବାବେଳେ ବହୁଚର୍ଚ୍ଚିତ କୁନ୍ଦୁଲୀ ପୀଡିତା ଆତ୍ମହତ୍ୟା କରିଥିଲେ। ଏପରିକି ପୀଡିତାଙ୍କ ପରିବାରକୁ ଟଙ୍କା ଜଚାଯାଇ ମୁହଁ ବନ୍ଦ କରିବାର ପ୍ରୟାସ କରାଯାଇଥିଲା। ସେତେବେଳେ ବିଜେଡି ନେତାମାନେ କୁଆଡେ ଯାଇଥିଲେ ? ବିଜେଡି ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଅନେକ ମହିଳା ବ୍ୟଭିଚାର ଘଟଣା ଘଟିଛି ଏବଂ ଅପରାଧୀମାନଙ୍କୁ ଖସାଇ ଦେବା ପାଇଁ ସରକାରୀ କଳ ଓ ପ୍ରଶାସନର ଅପବ୍ୟବହାର କରାଯାଇଛି, ଯାହାକୁ ଓଡିଶାର ଅଗଣିତ ମା ଓ ଭଉଣୀମାନେ ଦେଖିଛନ୍ତି । ତେଣୁ ବିଜେଡିର ଆନ୍ଦୋଳନ କେବଳ ଏକ ପ୍ରହସନ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେଡିର ଲୋକସେବା...

ଲୋକସେବାଭବନ ସମ୍ମୁଖ ଜୟଦେବ ଭବନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ବେଳେ ବିଜେଡ଼ି ବିଧାୟକ, ନେତା ଓ କର୍ମୀମାନେ ଏକଜୁଟ୍ ହୋଇ ଲୋକସେବା ଭବନ ଆଡକୁ ଅଗ୍ରସର ହେଉଥିବା ବେଳେ ପୋଲିସ ସହ ସେମାନଙ୍କର ମୁହାଁମୁହିଁ ହୋଇଥିଲା। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସୌଭିକ ବିଶ୍ୱାଳ ବିଜେଡି କର୍ମୀଙ୍କ ସହ ଆସୁଥିବା ବେଳେ ପୋଲିସ୍ ସେମାନଙ୍କୁ ଉଠାଇ ନେଇଥିଲା। ଅନ୍ୟପକ୍ଷରେ ବିଧାୟକ ଡ. ଅରୁଣ ସାହୁ, ଦେବୀ ପ୍ରସାଦ ମିଶ୍ର, ପ୍ରୀତିରଞ୍ଜନ ଘଡେଇ, ପ୍ରଣବ ପ୍ରକାଶ ଦାଶଙ୍କ ସମେତ ବହୁ ନେତାଙ୍କୁ ପୋଲିସ୍ ବିକ୍ଷୋଭ ସ୍ଥଳରୁ ନେଇଯାଇଥିଲେ। ଧସ୍ତାଧସ୍ତି ବେଳେ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପାଇଁ ଲୁହ ବୁହା ବାଷ୍ପ ବା ଟିୟର ଗ୍ୟାସ୍ ପ୍ରୟୋଗ କରାଯିବା ସହ ପାଣି ମାଡ ମଧ୍ୟ କରାଯାଇଥିଲା। ଲୋୟର ପିଏମ୍‌ଜି ସମ୍ମୁଖରେ ମଧ୍ୟ ବିଜେଡ଼ିର ନେତା ଓ କର୍ମୀମାନେ ଜୋରଦାର ବିକ୍ଷୋଭ କରିଥିଲେ। ବିଜେଡ଼ିର ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ ବେଳେ ସେମାନଙ୍କ ଉପରେ ପୋଲିସ ନିର୍ମମ ଓ ଅମାନୁଷିକ ଆକ୍ରମଣ କରିଥିବା ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟନାୟକ କଡା ଭାଷାରେ ନିନ୍ଦା କରିଛନ୍ତି।

## ୫ ବର୍ଷ ପାଇଁ ...

ଟଙ୍କା ଛାଡ଼ କରାଯାଇଛି । ଏହା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ବୋଝକୁ ହ୍ରାସ କରିବ। ଏହା ସହିତ, ସମୃଦ୍ଧ ସହର ଯୋଜନାକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି । ଏହି ଯୋଜନା ପାଇଁ ୪,୮୭୯.୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ନିଷ୍ପତ୍ତିଗୁଡ଼ିକ ରାଜ୍ୟର ସୁରକ୍ଷା, ଶିକ୍ଷା ଓ ନଗର ବିକାଶକୁ ଅଧିକ ସୁଦୃଢ଼ କରିବ। ସେହିପରି ଓଡ଼ିଶା ଆୟୁଷ ସହାୟକ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ସଂଶୋଧନ ନିୟମ, ୨୦୨୫ ର ପ୍ରଣୟନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ସରକାର ଆୟୁଷ ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ରର ବିକାଶକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ନିମନ୍ତେ ଆୟୁଷ ସହାୟକମାନଙ୍କୁ ଏକ ଯୁକ୍ତିସଙ୍ଗତ ଢାଞ୍ଚା ସହିତ ଉତ୍ତମ ପଦୋନ୍ନତିର ସୁଯୋଗ ପ୍ରଦାନ କରିଛନ୍ତି । ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ଗୋଟି ବରିଷ୍ଠ ଆୟୁଷ ସହାୟକ ପଦବୀ ଏବଂ ୧୨ ଗୋଟି ମୁଖ୍ୟ ଆୟୁଷ ସହାୟକ ପଦବୀ ନିୟମାବଳୀ, ୨୦୧୭ ଅନୁଯାୟୀ ଯଥାକ୍ରମେ ବେତନ ଲେଭଲ୍ ୭ ଓ ବେତନ ଲେଭଲ୍ ୯ରେ ସୃଷ୍ଟି କରାଯାଇଛି । ୩୧.୦୩.୨୦୨୩ ସୁଦ୍ଧା ଅବଶିଷ୍ଟ ୟୁଟିଲିଟି/ଡିସକମ୍ ମାନଙ୍କ / ଗ୍ରୀଡକୋ ଆକାଉଣ୍ଟ ବହିରେ ଥିବା ଆଇବିଆରଡି ଋଣ, କେପେକ୍ସ ଋଣ ଏବଂ ଆର-ଏପିଡ଼ିଆରପି ଋଣ ଉପରେ ବକେୟା ଥିବା ସୁଧକୁ ପୁଞ୍ଜିକରଣ କରିବା ଏବଂ ପରବର୍ତ୍ତୀ ଅବଧି ପାଇଁ ଶୂନ ସୁଧ ବହନକାରୀ ଋଣରେ ରୂପାନ୍ତରଣ କରିବା ଲାଗି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ସେହିପରି ଓଡ଼ିଶା ପମ୍ପଡ଼ ସଂରକ୍ଷଣ ପ୍ରକଳ୍ପ ନୀତି ଅନୁମୋଦନ ନିମିତ୍ତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି।

## ପ୍ରତିବର୍ଷ ଖର୍ଚ୍ଚ ...

ସୁବିଧା ଉନ୍ନତ କରିବ ଏବଂ କୃଷି ଉତ୍ପାଦକତା ବୃଦ୍ଧି କରିବ। ଏହି କାର୍ଯ୍ୟକ୍ରମରୁ ୧.୭ କୋଟି ଚାଷୀ ଉପକୃତ ହେବାର ସମ୍ଭାବନା ଅଛି।

## ଭୁବନେଶ୍ୱର ମେଟ୍ରୋ ...

ସହିତ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ-ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି । ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେଷ୍ଟନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ବୈଠକରେ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ।

## ବିଜେଡିର...

ଜୀବନ ପ୍ରଭାବିତ ହୋଇଥିଲା। ବିଜେଡି ପକ୍ଷରୁ ଆହୁତ ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ଅବଧିରେ ସହରରେ ସମସ୍ତ ଦୋକାନ, ବଜାର, ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂସ୍ଥା ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ସଡ଼କରେ ବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା। ବୁଧବାର ସକାଳୁ ବିଜେଡିର ନେତା ଓ କର୍ମୀମାନେ ରାସ୍ତାକୁ ଆସି ପିକେଟିଂ ଆରମ୍ଭ କରିଥିଲେ। ସହରର ବିଭିନ୍ନ ଛକ ମାନଙ୍କରେ ପାର୍ଟିର କର୍ମୀମାନେ ଆସି ହାତରେ ପ୍ଲାକାର୍ଡ ଓ ପୋଷ୍ଟର ନେଇ ନାରାବାଜି କରିଥିଲେ। ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଏହା ଜରିଆରେ ଦାବି କରାଯାଇଥିଲା ।

ବିଜେଡି ଏହି ଘଟଣାକୁ 'ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା' ବୋଲି କହି ସରକାରକୁ କାଠଗଡାକୁ ଟାଣିଛି । ପାର୍ଟି କହିଛି ଯେ, ଏହି ଆନ୍ଦୋଳନ ଲୋକମାନଙ୍କ ଭାବନାର ପ୍ରତିଫଳନ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ବ୍ୟବସ୍ଥାରେ ବ୍ୟାପକ ସଂଶୋଧନ ଆବଶ୍ୟକ।

## ୨୦୨୫-୨୬ ବରିଷ୍ଠ ...

କରାଯାଉଛି । ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟ ଯାତ୍ରା.ଓଡ଼ିଶା.ଜିଓଭି.ଇନ୍ ରେ ଉପଲବ୍ଧ। ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନେ ସେମାନଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଗୋଟିଏ ଥର ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଯାତ୍ରା କରିବାର ସୁଯୋଗ ପାଇବେ। ଜୁଲାଇ ୧୭ ତାରିଖରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ହିତାଧିକାରୀମାନେ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ପଞ୍ଜୀକରଣ କରିପାରିବେ । ଅନଲାଇନରେ ଏବଂ ଅଫଲାଇନରେ ବ୍ଲକ ଓ ଜିଲ୍ଲା ପ୍ରଶାସନରେ ଆବେଦନ ପତ୍ର ଦାଖଲ କରିପାରିବେ। ଜିଲ୍ଲା ପ୍ରଶାସନ ଦ୍ୱାରା ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ କମିଟି ଆବେଦନପତ୍ର ଗୁଡିକୁ ଯାଞ୍ଚ କରାଯିବ। ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଜାତି ଧର୍ମ ନିର୍ବିଶେଷରେ ଚୟନ କରାଯାଉଛି । ହିତାଧିକାରୀ ଚୟନ ନିମନ୍ତେ ଅନ୍ତ୍ୟୋଦୟ / ଅନ୍ନପୂର୍ଣ୍ଣା କାର୍ଡ / ବିଧବା ଭତ୍ତା କାର୍ଡ / ଖାଦ୍ୟସୁରକ୍ଷା ରେସନ କାର୍ଡ / ମନରେଗା କାର୍ଡ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ଆର୍ଥିକ ଅନଗ୍ରସରତାର ପ୍ରମାଣ ପତ୍ର ଭାବରେ ଦରଖାସ୍ତ ସହ ଦାଖଲ କରିବାକୁ ପଡିଥାଏ। ବରିଷ୍ଠ ନାଗରିକ ଦମ୍ପତିଙ୍କ କ୍ଷେତ୍ରରେ ଯେ କୌଣସି ଜଣେ ୬୦ ରୁ ଉର୍ଦ୍ଧ୍ୱ ବୟସ୍କ ହେବା ଆବଶ୍ୟକ । ୭୦ ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ଯାତ୍ରା ସମୟରେ ନିଜ ସାଙ୍ଗରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ । ତୀର୍ଥଯାତ୍ରୀ ଚୟନ କ୍ଷେତ୍ରରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲା ପାଇଁ ନିର୍ଦ୍ଦିଷ୍ଟ କୋଟା ଅନୁଯାୟୀ ତୀର୍ଥଯାତ୍ରୀ ଚୟନ କରିଥାନ୍ତି । ଅଧିକ ଆବେଦନକାରୀମାନଙ୍କ କ୍ଷେତ୍ରରେ ଲଟେରୀ ମାଧ୍ୟମରେ ତୀର୍ଥଯାତ୍ରୀ ଚୟନ କରାଯାଇଥାଏ । ଅନୁପସ୍ଥିତ ତୀର୍ଥଯାତ୍ରୀ ମାନଙ୍କର ଭରଣ ନିମନ୍ତେ ୨୦ ପ୍ରତିଶତ ତୀର୍ଥଯାତ୍ରୀଙ୍କର ଏକ ପ୍ରତୀକ୍ଷା ତାଲିକା ପ୍ରସ୍ତୁତ କରାଯାଇଥାଏ । ରାଜ୍ୟ ସରକାର ଉକ୍ତ ଯୋଜନା ମାଧ୍ୟମରେ ତୀର୍ଥଯାତ୍ରୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରିଥାନ୍ତି । ତୀର୍ଥଯାତ୍ରୀମାନଙ୍କୁ ନିଜର ଗ୍ରାମମାନଙ୍କରୁ ସମ୍ପୃକ୍ତ ରେଳ ଷ୍ଟେସନକୁ ପରିବହନ ଓ ପ୍ରତ୍ୟାବର୍ତ୍ତନର ସୁବିଧା ଆଇଆରସିଟିସି ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀମାନଙ୍କର ରହିବା, ଯିବା ଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା । ଆଇଆରସିଟିସି ଦ୍ୱାରା ଗସ୍ତ ଜଗୁଆଳୀ, ପଥପ୍ରଦର୍ଶକ, ଯାତ୍ରୀବୀମା ଏବଂ ଚିକିତ୍ସା ସୁବିଧା। ଉପରୋକ୍ତ ପ୍ରତ୍ୟେକ ପର୍ଯ୍ୟାୟର ତୀର୍ଥଯାତ୍ରା ଅବଧି ହାରାହାରି ୫ ରାତ୍ରି ୬ ଦିନ ମଧ୍ୟରେ ସୀମିତ । ସୂଚନାଯୋଗ୍ୟ ଏହି ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଅଦ୍ୟାବଧି ୩୭,୫୫୫ ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ୪୦ ଟି ପର୍ଯ୍ୟାୟରେ ମଦୁରାଇ, ରାମେଶ୍ୱରମ, ପ୍ରୟାଗରାଜ, ଅଯୋଧ୍ୟା, ବାରଣାସୀ, ହରିଦ୍ୱାର, ଋଷିକେଶ, ଆଜମେର, ପୁଷ୍କର, ତିରୁପତି ବାଲାଜୀ, ଭେଲୋର, ଶ୍ରୀକଳାହସ୍ତି, ଶିରିଡି, ନାସିକ, ତ୍ର୍ୟମ୍ବକେଶ୍ୱର, ଭେଲନକାନୀ, ନାଗାପଟିନମ, ତାଞ୍ଜାବୁର, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଆଗ୍ରା, ମଥୁରା, ବୃନ୍ଦାବନ ଇତ୍ୟାଦି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ୭୯୬୭ ବରିଷ୍ଠ ନାଗରିକ ୧୦ ଟି ପର୍ଯ୍ୟାୟରେ ସିରିଡି, ନାସିକ, ଦକ୍ଷିଣେଶ୍ୱର କାଳୀ (କୋଲକାତା), କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଥିଲେ । ପ୍ରତିଟି ପର୍ଯ୍ୟାୟରେ ୮୦୦ ଜଣ (୭୭୫ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଅଫିସର) ଯାତ୍ରା କରିଥାନ୍ତି ।

## ଆଜି କଂଗ୍ରେସର ...

ରଖିବା ପାଇଁ ସାଦା ପୋଷାକରେ ପୁଲିସ ମୁତୟନ ହେବେ। ସୁରକ୍ଷା ବ୍ୟବସ୍ଥାକୁ ଡିଜିପିଙ୍କ କାର୍ଯ୍ୟାଳୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମନିଟର କରିବେ। ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହେଉ କିନ୍ତୁ କୌଣସି ନେତା ବା କର୍ମୀ ଆଇନକୁ ହାତକୁ ନିଅନ୍ତୁ ନାହିଁ । ଲୋକସେବା ଭବନ, ବିଧାନସଭା, ରାଜୀବ ଭବନ, ବିଭିନ୍ନ ଭିଭିଆଇପିଙ୍କ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି ହେବ। ରେଳରୋକ ହିଂସାର ପନ୍ଥା ଆପଣାଇଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କମିଶନର କହିଛନ୍ତି। କଂଗ୍ରେସ ବରିଷ୍ଠ ନେତା ଜୟଦେବ ଜେନାଙ୍କ ସୂଚନା ଅନୁସାରେ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ଜରୁରୀକାଳୀନ ସେବା ବିଶେଷ କରି ଡାକ୍ତରଖାନା, ଆମ୍ବୁଲାନ୍ସ ସେବା, ଔଷଧ ଦୋକାନ ଓ ସ୍ୱାସ୍ଥ୍ୟ ସେବାକୁ ବାଦ୍ ଦେଲେ ଅନ୍ୟ ସବୁ କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବ। ଅଖ, ଚକ ବନ୍ଦ, ଯାନବାହନ ଚଳାଚଳ ବନ୍ଦ ରହିବା ସହ ସ୍କୁଲ, କଲେଜ, ବ୍ୟବସାୟ, ପ୍ରତିଷ୍ଠାନ ଏବଂ ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରଖିବା ନେଇ ଅନୁରୋଧ କରାଯାଇଛି।

## ମୃତ୍ୟୁ ପରେ...

୨୦୨୦ ଠାରୁ କରୋନା ଯୋଗୁଁ ମୃତ୍ୟୁହାର ବଢିଥିଲା। ସେ ଯାହା ବି ହେଉ, ଏତେ ସଂଖ୍ୟକ ଲୋକ ପ୍ରତିବର୍ଷ ପ୍ରାଣ ହରାଉଥିବା ବେଳେ ୟୁଆଇଡିଏଆଇର ଆଧାର ଡିଆକ୍ଟିଭେସନ ସଂଖ୍ୟା ଅପେକ୍ଷାକୃତ ଯଥେଷ୍ଟ କମ ରହିଛି। ମୋଟ ମୃତ୍ୟୁର ୧୦%ରୁ କମ ଆଧାର ନମ୍ବର ଅଚଳ କରାଯିବା ସମସ୍ତଙ୍କୁ ଚକିତ କରିଛି। ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ କାର୍ଡ ନମ୍ବରକୁ ଅଚଳ କରାଯିବା ପ୍ରକ୍ରିୟା ବେଶ କଷ୍ଟକର। ଏହା ପ୍ରମୁଖ ଭାବେ ବାହ୍ୟ ତଥ୍ୟ ଯଥା ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଉଥିବା ମୃତ୍ୟୁ ପ୍ରମାଣପତ୍ର ଓ ପରିବାର ଲୋକଙ୍କ ଅପଡେଟ ଉପରେ ନିର୍ଭର କରିଥାଏ। ୟୁଆଇଡିଏଆଇ ୨୦୦୯ରେ ପ୍ରତିଷ୍ଠା ହୋଇଥିଲା ଓ ପ୍ରଥମ ଆଧାର ନମ୍ବର ୨୦୧୦ ମସିହା ନମ୍ବର ୨୯ରେ ଜାରି କରାଯାଇଥିଲା। ମହାରାଷ୍ଟ୍ରର ନନ୍ଦୁରବାରରେ ରହୁଥିବା ଜଣେ ମହିଳା ଦେଶର ପ୍ରଥମ ଆଧାର କାର୍ଡ ପାଇଥିଲେ। ଆଧାର କାର୍ଡ ଏଯାଏ କେତେ ଲୋକ ପାଇ ନାହାନ୍ତି ବା କେତେ ଲୋକଙ୍କ ପାଖରେ ଆଧାର କାର୍ଡ ନାହିଁ ବୋଲି ପ୍ରଶ୍ନର ଉତ୍ତର ମିଳିନି । ସେଭଳି ତଥ୍ୟ ସରକାରଙ୍କ ପାଖରେ ନଥିବା ଆରଟିଆଇ ଜରିଆରେ ସ୍ପଷ୍ଟ ହୋଇଛି।

# ସାମୁହିକ ପାଠାଗାର ଓ କୋଚିଂ ସେଣ୍ଟର ପାଇଁ ଶିଳାନ୍ୟାସ କଲେ ଅପରାଜିତା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଂଚଳର ୨୬ ଟି ପଂଚାୟତ ଓ ୧୪ ମଉଜା ର ଜନ ସାଧାରଣ ଙ୍କ ପାଇଁ ବହୁ ଆବଶ୍ୟକୀୟ କାର୍ଯ୍ୟ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଂଚଳର ଲୋକ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସାମୁହିକ ପାଠାଗାର ଓ କୋଚିଂ ସେଣ୍ଟର ପାଇଁ ସାଂସଦ ଶିଳାନ୍ୟାସ କରିଥିବା ବେଳେ ଆଗାମୀ ଦିନରେ ଟାଙ୍ଗୀ ଅଂଚଳର ପିଲା ମାନେ ସେଠାରେ ବିଭିନ୍ନ ପୁସ୍ତକ ପଢ଼ିବାର ସୁଯୋଗ ପାଇବେ। ଏଥିସହିତ ବିଭିନ୍ନ ଉଚ୍ଚ ଶିକ୍ଷା ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ର ପ୍ରସ୍ତୁତି ପାଇଁ ଏହା ସହଯୋଗ କରିବ। ଏପରିକି ସାଂସଦ ଅପରାଜିତା, ନିଜେ ମଧ୍ୟ ଏଠାରେ ପଢ଼ାଇବେ ବୋଲି ଶିଳାନ୍ୟାସ ଅବସରରେ ସୂଚନା ଦେଇଛନ୍ତି ଅପରାଜିତା। ବ୍ଲକ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ସାଂସଦ ,ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୪ ଟି ମୌଜାର ୪୨ ଜଣ ଭୂମିହିନ ଙ୍କୁ ସରକାର ଙ୍କ ବସୁନ୍ଧରା ଯୋଜନା ଅନ୍ତର୍ଗତ ୪ ଡିସିମିଲ ଲେଖାଏଁ ଜମି ପଟ୍ଟା ବଂଟନ କରିଛନ୍ତି। ୧୯୬୨ ଲ୍ୟାଣ୍ଡ ସେଟେଲମେଂଟ ନିୟମ ଅନୁଯାୟୀ ଅଂଚଳର ଏହି ୪୨ ଜଣ ଭୂମିହୀନ ଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଉକ୍ତ ଜମିରେ ପ୍ରଧାନମନ୍ତ୍ରୀ ଆବାସ ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ମାନ, ପଟ୍ଟା ଧାରୀ ମାନେ ପାଇପାରିବେ । ଏଥିସହିତ ଏହି ଅବସରରେ ବ୍ଲକ ର ୨୬ ପଞ୍ଚାୟତ ରୁ ତିନିଜଣ ଲେଖାଏଁ ପରିବାର ଙ୍କୁ, ଅର୍ଥାତ୍ ୭୮ ଟି, ରାସନ୍ କାର୍ଡ ମଧ୍ୟ ପ୍ରଦାନ କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ପ୍ରତିମାସ ଏହି ରାସନ୍ କାର୍ଡ ଜରିଆରେ ପରିବାର ର ପ୍ରତ୍ୟେକ ସଦସ୍ୟ ପିଛା ୫ କିଲୋ ଚାଉଳ, ୧୨୫୦ଗ୍ରାମ ମାଣ୍ଡିଆ, ୭୦୦ମିଲି ଲିଟର କିରୋସିନ ଓ ମେଡ଼ିକାଲ ସୁବିଧାର ଲାଭ ଉଠାଇ ପାରିବେ କାର୍ଡ ଧାରୀ। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସମେତ ,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସାଂସଦ ପ୍ରତିନିଧି ବିଦ୍ୟୁତ୍ କାଣ୍ଡି, ସ୍ଥାନୀୟ ବିଡ଼ିଓ, ତହସିଲଦାର, ଭାଇସ୍ ଚ୍ୟାୟାରମେନ୍ ଓ ଅନ୍ୟାନ୍ୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଛତିଶଗଡ଼ରେ ମାଓ ବିରୋଧୀ ଅପରେସନ ଜୋରଦାର : ଜୀବନ ରକ୍ଷା ପାଇଁ ଓଡ଼ିଶାରେ ପଶୁଛନ୍ତି ମାଓବାଦୀ

ନୂଆପଡ଼ା, ନ୍ୟୁଜ ବ୍ୟୁରୋ

ଛତିଶଗଡ଼ରେ ନକ୍ସଲ ବିରୋଧି ଅପରେସନ ଜୋରଦାର ହୋଇଛି । ଏଣୁ ପ୍ରାଣ ବିକଳରେ କ୍ୟାଡ଼ର ମାଓବାଦୀମାନେ ଓଡ଼ିଶା ମୁହାଁ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଟପ୍ କ୍ୟାଡ଼ର ମାଓବାଦୀ ବାଳକୃଷ୍ଣ ଓ ପ୍ରମୋଦ ବୁଲୁଥିବା ପୁଲିସ ଗୁଇନ୍ଦାକୁ ସୂଚନା ମିଳିଛି । ଜାନୁଆରୀ ୩ରେ ସୀମାନ୍ତ ଗରିଆବନ୍ଦ ଜିଲ୍ଲା ଇନ୍ଦାଗାଁ ଥାନା କଣ୍ଡସର ଓ ନାଗେଶ ଗାଁ ମଧ୍ୟସ୍ଥ ସୋରନାମାଲ ଜଙ୍ଗଲରେ ଛତିଶଗଡ଼ ପୁଲିସ ଓ ନୂଆପଡ଼ା ଏସଓଜି ଟିମ୍ କମ୍ବିଂ ଅପରେସନ କରି ୩ଜଣ ମାଓବାଦୀଙ୍କୁ ନିହତ କରିବା ସହ ୫ଟି ବନ୍ଧୁକ ଓ ବିପୁଳ ମାରଣାସ୍ତ୍ର ଜବତ କରିଥିଲେ। ଜାନୁଆରୀ ୨୪ରେ ନୂଆପଡ଼ା ସୀମାନ୍ତରୁ ୫କିମି ଦୂର ଗରିଆବନ୍ଧ ଜିଲ୍ଲା ମେନପୁର ଥାନା କୁହ୍ଲାଡିଘାଟ ସଂରକ୍ଷିତ ଜଙ୍ଗଲର ଭାଲୁଡ଼ି ଗାଁ ନିକଟରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ସୁରକ୍ଷା ବାହିନୀ ଗୁଳିରେ ୩୦ ମାଓବାଦୀ ନିହତ ହୋଇଥିଲେ। ମାର୍ଚ୍ଚ ୩ରେ ସୀମାନ୍ତ ମେନପୁର ଥାନା ପଣ୍ଡ୍ରିପାଣି ମାଓକ୍ୟାମ୍ପରୁ ନଗଦ ୮ଲକ୍ଷ ସହ ବିପୁଳ ବିସ୍ଫୋରକ ଜବତ ହୋଇଥିଲା । ସେହିଦିନ ବୋଡ଼େନ ଥାନା ପାଟଦର୍ହା ଜଙ୍ଗଲରୁ ଏକ ଦେଶୀ ବନ୍ଧୁକ ସହ ବିପୁଳ ମାଓ ସାମଗ୍ରୀ ଜବତ କରିଥିଲେ । ମଇ ୩ରେ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଶୋଭା ଥାନା ମୋତିପାନି ରକ୍ଷାପଥର ଅମାଡ଼ ଜଙ୍ଗଲରେ ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା କାକକୋରମା ଗାଁର ବସ୍ତର ଡିଭିଜନାଲ କମିଟି ସଦସ୍ୟ ମାଓବାଦୀ ଆୟାତୁ ଓରଫ ଯୋଗେଶ କୋର୍ଷାଙ୍କୁ ସୁରକ୍ଷା ବିହିନୀ ଏନକାଉଣ୍ଟର କରିଥିଲା। ଏସଏଲଆର ବନ୍ଧୁକ, ୪ଟି ରକେଟ ଲଞ୍ଚର, ଓ୍ୱାକିଟକି ଜବତ କରିଥିଲା । ମଇ ୧୪ରେ ସୁନାବେଡ଼ା ଅଭୟାରଣ୍ୟ ଜଳମଡ଼େଇ ସଂରକ୍ଷିତ ଜଙ୍ଗଲରେ ମାଓକ୍ୟାମ୍ପରୁ ବିପୁଳ ମାଓ ସାମଗ୍ରୀ ଜବତ କରିଥିଲେ । ଜୁଲାଇ ୮ରେ ସିନାପାଲି ଥାନା ଝାରବନ୍ଧ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ ଯବାନମାନେ ମାଓକ୍ୟାମ୍ପରୁ ଆଇଇଡ଼ି, ଡିଟୋନେଟର, ୨୦ଟି ଜିଲୋଟିନ ଭଳି ବିପୁଳ ବିସ୍ଫୋରକ ଜବତ କରିଥିଲେ । ଛତିଶଗଡ଼ରେ ନକ୍ସଲ ବିରୋଧି ଅଭିଯାନ ପରେ ଲାଲବାହିନୀ ପ୍ରାଣ ବିକଳରେ ଛିନ୍ନଛତ୍ର ହେଉଛନ୍ତି । ଆତ୍ମଗୋପନ ପାଇଁ ସୀମାନ୍ତ ନୂଆପଡ଼ା ଜିଲ୍ଲାକୁ ଅନୁପ୍ରବେଶ କରୁଛନ୍ତି । ସେମାନେ ସୁନାବେଡ଼ା ଅଭୟାରଣ୍ୟର ଘଞ୍ଚ ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ବାଛିଛନ୍ତି। ଏବେ ନିୟମିତ ବ୍ୟବଧାନରେ ମାଓକ୍ୟାମ୍ପ ଠାବ ହେଉଥିବାରୁ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ହେଉଛନ୍ତି। ନିଜ ସଂଗଠନକୁ ସଜାଡ଼ିବାକୁ ଉଦ୍ୟମ କରୁଛନ୍ତି। ବର୍ଷାଋତୁରେ ଗଛଡ଼ାଳ ଓ ଲଟାବୁଦାରେ ମାଓବାଦୀଙ୍କୁ ଲୁଚିବାକୁ ସୁବିଧା ହେଉଛି। ଏବେ ସୀମାନ୍ତ ଉଦନ୍ତୀ ସୀତାନଦୀ ଅଭୟାରଣ୍ୟ ଅଞ୍ଚଳରେ ଟପକ୍ୟାଡ଼ର ମାଓବାଦୀ ବାଳକୃଷ୍ଣ ଓରଫ ଆଲନା ଓ ରାଜ୍ୟ କ୍ୟାଡ଼ର ଏସିଏମ ସଦସ୍ୟ ପ୍ରମୋଦ ଓରଫ ପାଣ୍ଡୁ ବୁଲୁଥିବା ପୁଲିସକୁ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିବା ଏସପି ଜିଆର ରାଘବେନ୍ଦ୍ର ପ୍ରକାଶ କରିଛନ୍ତି । ମାଓ ସଂଗଠନ ଧିରେ ଧିରେ ଦୁର୍ବଳ ହେଉଥିବାରୁ କୌଣସି ବଡ଼ ଆକ୍ରମଣକୁ ସାହସ ଜୁଟାଇ ପାରୁନାହାନ୍ତି । ଅନ୍ୟପକ୍ଷେ ସୀମାନ୍ତରେ ଉଭୟ ରାଜ୍ୟ ପୁଲିସ ଓ ସୁରକ୍ଷା ବାହିନୀ ଘନଘନ କମ୍ବିଂ ଅପରେସନ ହେତୁ ମାଓବାଦୀଙ୍କୁ ବି ଭୟ ରହୁଛି । ତେବେ ସୀମାନ୍ତରେ ବାରମ୍ବାର ମାଓକ୍ୟାମ୍ପରୁ ବିସ୍ଫୋରକ ସାମଗ୍ରୀ ଜବତ ହେବା ପୁଲିସକୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଲାଲବାହିନୀ କୌଣସି ଏକ ବଡ଼ ଧରଣର ଅଘଟଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଆଲୋଚନା ହେଉଛି ।

**OFFICE OF THE EXECUTIVE ENGINEER,NATIONAL HIGHWAY DIVISION, PALLAHARA**

**E-TENDER CALL NOTICE**

b-

**Bid Identification No.01&02 /EE NH Pallahara of 2025-26**

1. The Superintending Engineer, O/o the Executive Engineer, N.H. Division, Pallaharaon behalf of Governor of Odisha invites Percentage Rate bids for construction of worksin Single Cover system on ONLINE MODE from eligible contractors for road works as mentioned below.

| Sl. No. | Name of the Work | Concerned NH Sub-Division | ApproximateValue of work in INR (Excl GST) | Bid security/ E.M.D in INR (Online) | Cost of tender Documents in INR (Online) | Class of Eligible contractor | Period of completion in months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of RCC covered drain from Ch.312/891 to 313/132km. LHS( near Maa Kali Temple) & from Ch. 313/588 to 313/780 km. RHS ( near Talbeda) on N.H.53 for the year 2025-26. | N.H. Sub-Division Talcher | 40,69,309.00 | 40,700.00 | 6,000.00 | 'B' | 3 (Three) Calendar Months |
| 2 | Repair to N.H.-53 on existing stretches of Rengali, Bajrakote, Takua&Patharamunda villages with WMM, DBM, BC for the year 2025-26. | N.H. Sub-Division Talcher | 25,96,962.00 | 25,970.00 | 6,000.00 | 'B'&'C' | 2 (Two) Calendar Months |

2. The Bid documents will be available in the www.tendersodisha.gov.in from 11:00 hours of 21.07.2025to 17:00 hour of 05.08.2025 for on-line bidding.
3. The Bid shall be opened at 11:30 Hours on 06.08.2025 in the office of theExecutive Engineer, N.H. Division, Pallahara in the presence of bidders who wish to attend.
4. The bidders have to participate in online bidding only. Further details can be seen in the bidding documents from the e-procurement portal www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website only.

-sd- Superintending Engineer
NH Division, Pallahara

OIPR-24425/11/0001/2526

ଭୁବନେଶ୍ୱର
୧୭ ଜୁଲାଇ,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ରରେ ଶୌଚାଳୟ ପାଇଁ ପର୍ଯ୍ୟଟକ ନୟାନ୍ତ

**ପୁରୀ,୧୬/୦୭ ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳି ଶ୍ରୀକ୍ଷେତ୍ର । ହେଲେ ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା । ପୁରୀ ସହର ସାରା ଶୌଚ ସମସ୍ୟା ଭୋଗୁଛନ୍ତି ପଥଚାରୀ । ବଡ଼ଦାଣ୍ଡରୁ ବେଳାଭୂମି ଓ ଏପରିକି ଜନଗହଳିପୂର୍ଣ୍ଣ ସ୍ଥାନ କିମ୍ବା ରାସ୍ତାରେ ମଧ୍ୟ କାର୍ଯ୍ୟକ୍ଷମ ଶୌଚାଳୟ ଦେଖିବାକୁ ମିଳୁନି । ପର୍ଯ୍ୟଟକମାନେ ଶୌଚାଳୟ ଖୋଜି ନୟାନ୍ତ ହେବା ପରେ ସରକାରଙ୍କ ଦୋଷ ବାଛୁଛନ୍ତି । ସବୁ ଜାଣି ସବୁ ଦେଖୁଛି ନିଲଠା ପ୍ରଶାସନ । ଏଣୁ ଲୋକ ଲଜ୍ୟା ଛାଡ଼ି ବାଧ ହୋଇ ରାସ୍ତା ପାର୍ଶ୍ୱକୁ ଉଭୟ ପୁରୁଷ ଓ ମହିଳା ନିତ୍ୟକର୍ମ ସ୍ଥଳି ଭାବେ ବ୍ୟବହାର କରୁଛନ୍ତି । ଏପଟେ ଅନ୍ୟ ସହର ଭଳି ଶ୍ରୀକ୍ଷେତ୍ରରେ କାହିଁକି ଇ-ଟଏଲେଟ୍ ବ୍ୟବସ୍ଥା କରାଯାଉ ନାହିଁ ବୋଲି ସ୍ଥାନୀୟ ମୁରବି ପ୍ରଶ୍ନ କରୁଛନ୍ତି । ଶୌଚାଳୟର ଅଭାବ ପୁରୀ ସହର ପାଇଁ ଏକ ବଡ଼ ସମସ୍ୟା ପାଲଟିଛି । ସମାଧାନ ପରିବର୍ତ୍ତେ ବର୍ଷ ବର୍ଷ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି । ପୁରୀକୁ ଯାତ୍ରୀଙ୍କ ସଂଖ୍ୟା ବଢ଼ିବା ସାଙ୍ଗକୁ ସମସ୍ୟା ଘନଉଛି । ଯାନିଯାତ୍ରା ସମୟରେ ବେଳାଭୂମି ଓ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଏବଂ ସଂଲଗ୍ନ ଗଳି ସବୁ ମୁକ୍ତାକାଶ ପାଇଖାନାରେ ପରିଣତ ହେଉଛି । ସୁବିଧା ନଥିବାରୁ ପ୍ରତିଦିନ ହଜାର ହଜାର ଯାତ୍ରୀ ଶୌଚ ପାଇଁ କଲବଲ ହେଉଛନ୍ତି । ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ପରିସ୍ରାଗାର ନାହିଁ । ଏଣୁ ଲୋକେ କାନ୍ଥକୁ ଆଢୁଆଳ କରି କାର୍ଯ୍ୟ ସାରୁଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ଆସିଲେ ପ୍ରତି କ୍ଷଣରେ ଲୋକେ ପରିକ୍ରମା ମାର୍ଗ ପାର୍ଶ୍ୱରେ ପରିସ୍ରା କରୁଥିବା ଦୃଷ୍ଟିକୁ ଆସେ । ସମୁଦ୍ରକୂଳ ଥାନା ସମ୍ମୁଖ ଓ ପାର୍ଶ୍ୱରେ ଲୋକେ ବେଧଡ଼କ କାର୍ଯ୍ୟ ସାରୁଛନ୍ତି । ବଡ଼ ଡ଼ାକ୍ତରଖାନା ପାର୍ଶ୍ୱ ସମେତ ସହରରେ ଶହ ଶହ ଏଭଳି ସ୍ଥାନ ରହିଛି ଯେଉଁଠି ଲୋକେ ଖୋଲାରେ କର୍ମ ସାରିବାରେ ଅଭ୍ୟସ୍ତ । ଏପରିକି ଅଧିକାଂଶ ତୀର୍ଥସ୍ଥଳିରେ ମଧ୍ୟ ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଶୌଚାଳୟ ନାହିଁ । ପବିତ୍ର ତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାକୁ ପ୍ରତି ଦିନ ଶହ ଶହ ଯାତ୍ରୀ ଆସୁଛନ୍ତି । ହେଲେ ପ୍ରଶାସନ ସେଠାରେ ଏକ ଶୌଚାଳୟ କରିପାରି ନାହିଁ । ସିଂହଦ୍ୱାରରୁ ସ୍ୱର୍ଗଦ୍ୱାର ପ୍ରାୟ ଦେଢ଼ କିମି ଭଳି ଜନଗହଳିପୂର୍ଣ୍ଣ ବାଲିସାହି ଓ ଦିଗବାରେଣୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିରେ ସର୍ବସାଧାରଣ ନିଶୁଳ୍କ ଶୌଚାଳୟ ନାହିଁ । ଏନେଇ ସ୍ଥାନୀୟ ମୁରବି ରବି ନାରାୟଣ ଦାସ କୁହନ୍ତି ଶୌଚାଳୟ ସମସ୍ୟା ସମାଧାନ ପାଇଁ ଇ-ଶୌଚାଳୟର ବ୍ୟବସ୍ଥା ହୋଇପାରନ୍ତା । ଅନ୍ୟ ସହରରେ ଏଭଳି ଅନେକ ବ୍ୟବସ୍ଥା ହୋଇଛି । ବଡ଼ଦାଣ୍ଡ ଉଭୟ ପାର୍ଶ୍ୱ ନାଳ ସ୍ଲାବ୍ ଉପରେ ଅସ୍ଥାୟୀ ଶୌଚାଳୟ ହୋଇପାରନ୍ତା । ଶ୍ରୀମନ୍ଦିର ବାହାର ପରିକ୍ରମା ମାର୍ଗରେ ମଧ୍ୟ ରହିପାରନ୍ତା । ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେବାରେ କୌଣସି ପଦକ୍ଷେପ ନେଉନାହିଁ । ଏନେଇ ପୁରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କୁହନ୍ତି ବେଳାଭୂମି ଓ ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ରହିଛି । କେତେକ ସ୍ଥାନରେ ପ୍ରଶାସନ ଶୌଚାଳୟ ତିଆରି କାର୍ଯ୍ୟକ୍ଷମ କରିବା ପୂର୍ବରୁ କଳ ଓ ଦାମିକା ଜିନିଷ ଲୋକେ ଚୋରି କରିନେଉଛନ୍ତି । ଅସଲରେ ଅଧିକ ଶୌଚାଳୟ ପାଇଁ ସହରରେ ସ୍ଥାନର ମଧ୍ୟ ଅଭାବ ରହିଛି । ପେ' ଆଣ୍ଡ୍ ୟୁଜ୍ ମଡ଼େଲରେ ଅଧିକ ଶୌଚାଳୟ କରାଯିବାକୁ ପଦକ୍ଷେପ ନିଆଯିବ କହିଛନ୍ତି ପୌରାଧିକାରୀ ବେହେରା ।

## ଆଜି ମହାପ୍ରଭୁଙ୍କର ବନକଲାଗି ନୀତି

### ସନ୍ଧ୍ୟା ସାଢେ ୬ଟାରୁ ରାତି ୧୧ଟା ଯାଏଁ ସର୍ବସାଧାରଣ ଦର୍ଶନ ବନ୍ଦ



**ପୁରୀ, ୧୬/୦୭ ନ୍ୟୁଜ ବ୍ୟୁରୋ**

ଗୁରୁବାର ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ପ୍ରାୟ ସାଢେ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦତ୍ତମହାପାତ୍ର ସେବକମାନେ ଦାରୁଦିଅଁଙ୍କ ବନକଲାଗି ସେବା କରିବେ । ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ । ବନକଲାଗି ପରେ ମହାସ୍ନାନ ପୂଜା ବଢ଼ି ପୁନଃ ଦର୍ଶନ ଆରମ୍ଭ ହେବ । ଠାକୁରଙ୍କ ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଁଥ ଅଠା, କସ୍ତୁରୀ ଓ କଳା ଆଦି ଆବଶ୍ୟକ ହୋଇଥାଏ । ସେହି ଦିନର ଠାକୁରଙ୍କ ନୀତି ଅନୁସାରେ ବନକଲାଗି ଓ ଦର୍ଶନ କଟକଣା ସମୟ ସ୍ଥିର ହେବ ।

## କିମ୍ସରେ ଓଡ଼ିଶାର ପ୍ରଥମ ସଫଳ ବହୁ-ଅଙ୍ଗ ପ୍ରତିରୋପଣ

# ଅଙ୍ଗ ଦାନ କରି ଦୁଇ ଜୀବନ ବଞ୍ଚାଇଲେ ସୌମ୍ୟ



**ଭୁବନେଶ୍ୱର, ୧୬ ।୭ ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ବହୁ-ଅଙ୍ଗ ପ୍ରତିରୋପଣ ସଫଳତାର ସହ କରାଯାଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ଦୁଇଟି ଅଙ୍ଗ କିମ୍ସରେ ସଫଳତାର ସହ ପ୍ରତିରୋପଣ କରାଯାଇଛି । ନୟାଗଡ଼ର ୩୭ ବର୍ଷ ବୟସ୍କ ଯୁବକ ସୌମ୍ୟ ରଞ୍ଜନ ବେହେରାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଜୁଲାଇ ୧୦ ତାରିଖରେ ତାଙ୍କୁ କିମ୍ସରେ ଭର୍ତ୍ତି କରାଯାଇଥିଲା । କିମ୍ସ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସୌମ୍ୟଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିନଥିଲା । ଏଭଳି ପରିସ୍ଥିତିରେ ସୌମ୍ୟଙ୍କ ଅଙ୍ଗ ଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ତାଙ୍କ ପରିବାର ଚିନ୍ତା କରିଥିଲେ । କିମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଏହା ସମ୍ଭବ ହୋଇପାରିଥିଲା । ସୌମ୍ୟଙ୍କଠାରୁ ଦୁଇଟି ବୃକ୍କ ଏବଂ ଯକୃତ କଢାଯାଇ ଗୋଟିଏ ବୃକ୍କ କଟକର ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା । ଅନ୍ୟ ବୃକ୍କ ଏବଂ ଯକୃତ କିମ୍ସରେ ଦୁଇଜଣ ରୋଗୀଙ୍କଠାରେ ସଫଳ ପ୍ରତିରୋପଣ କରାଯାଇଥିଲା । ଏହା ଗୁରୁତର ଦୁଇ ରୋଗୀଙ୍କୁ ନୂତନ ଜୀବନ ପ୍ରଦାନ କରିଥିଲା । ସୌମ୍ୟଙ୍କ ବଡ଼ ଭାଇ ରବୀନ୍ଦ୍ର କୁମାର ବେହେରା ଏ ନେଇ ନିଜ ପ୍ରତିକ୍ରିୟାରେ କହିଥିଲେ,'ମୁଁ ମୋ ସାନ ଭାଇକୁ ହରାଇଛି କିନ୍ତୁ ତା'ବଦଳରେ ମୋର ଅନ୍ୟ ଦୁଇ ଭାଇ ନୂତନ ଜୀବନ ପାଇଛନ୍ତି ।' ଏହି ମହାନ କାର୍ଯ୍ୟକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପ୍ରଶଂସା କରିଛନ୍ତି । ବୁଧବାର ସକାଳେ କିମ୍ସ କର୍ତ୍ତୃପକ୍ଷ ଯୁବକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶେଷ ସମ୍ମାନ ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ସୌମ୍ୟଙ୍କ ଶବଦାହ ପୂର୍ବରୁ ତାଙ୍କୁ ଆନୁଷ୍ଠାନିକ ଭାବେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା ।

# ଅଦାଲତି ପ୍ରକ୍ରିୟାର ଅପବ୍ୟବହାର : ପତ୍ନୀଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରିପାରିବେ ନାହିଁ

**କଟକ, ୧୬/୭ ନ୍ୟୁଜ ବ୍ୟୁରୋ**



ଅଦାଲତି ପ୍ରକ୍ରିୟାର ଅପବ୍ୟବହାର ଜଣେ ଆବେଦନକାରୀଙ୍କୁ ମହଙ୍ଗା ପଡ଼ିଛି । ବେଆଇନ ଭାବେ ଅଟକ ରଖାଯାଇଥିବା ପତ୍ନୀଙ୍କୁ ଉଦ୍ଧାର ପାଇଁ ପତି ଦାୟର କରିଥିବା ହେବିୟସ କର୍ପସ ପିଟିସନ୍କୁ ହାଇକୋର୍ଟ ଖାରଜ କରିଛନ୍ତି । ଏଥି ସହିତ ଆବେଦନକକାରୀ ପତିଙ୍କୁ ୨୫ ହଜାର ଟଙ୍କା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଦୁଇ ସପ୍ତାହ ଭିତରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ରାସ୍ତା ପାର୍ଶ୍ୱର ଶିଶୁଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭି.କେ.ବଡେକେଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କ ପତ୍ନୀ ନାବାଳକ ସନ୍ତାନ ସହିତ ନିଜ ଇଚ୍ଛାରେ ରାଉରକେଲାସ୍ଥିତ ନିଜ ଅଭିଭାବକଙ୍କ ନିକଟରେ ରହୁଛନ୍ତି । ଅଦାଲତି ପ୍ରକ୍ରିୟାର ଏପରି ଅପବ୍ୟବହାରକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିବା ସହିତ କହିଛନ୍ତି ଯେ ପତି ନିଜ ଆଦେଶ ଅନୁସାରେ କାର୍ଯ୍ୟ କରିବାକୁ ପତ୍ନୀଙ୍କୁ ବାଧ କରି ପାରିବେ ନାହିଁ ବା ପତ୍ନୀଙ୍କୁ ନିଜ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରି ପାରିବେ ନାହିଁ । ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାରକୁ ନିର୍ଦ୍ଦିଷ୍ଟ ଲିଙ୍ଗର ବ୍ୟକ୍ତି ୱାନ୍ ୱେ ଟ୍ରାଫିକ୍ ଭାବେ ବ୍ୟବହାର କରି ପାରିବେ ନାହିଁ । ନିଜ ଜୀବନ ସଂକ୍ରାନ୍ତରେ ସ୍ୱାଧୀନ ନିଷ୍ପତ୍ତି ନେବା ପାଇଁ ପତ୍ନୀଙ୍କ ଅଧିକାର ରହିଛି । ଯଦି ପତିଙ୍କ ଠାରୁ ଅଲଗା ରହିବା ପାଇଁ ପତ୍ନୀ ଫଇସଲା କରନ୍ତି, ଏପରି ସ୍ଥିତିରେ କୋର୍ଟଙ୍କ ହେବିୟସ କର୍ପସ ରିଟ୍ ଜାରି କରିବା କ୍ଷମତାର ପତି ଅପବ୍ୟବହାର ବା ଦୁରୁପଯୋଗ କରି ପାରିବେ ନାହିଁ । ବିନା କୌଣସି ଆଧାରରେ ପତି ଏହି ହେବିୟସ କର୍ପସ ପିଟିସନ ଦାଖଲ କରିଥିବାରୁ ଏହାକୁ ଖାରଜ କରାଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି । ଚାରି ବର୍ଷ ତଳେ ଆବେଦନକାରୀଙ୍କ ବିବାହ ହୋଇଥିଲା । ପତ୍ନୀଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି, ତାଙ୍କୁ ଉଦ୍ଧାର କରାଯାଉ ବୋଲି ଦର୍ଶାଇ ପତି ହାଇକୋର୍ଟରେ ହେବିୟସ କର୍ପସ ପିଟିସନ ଦାୟର କରିଥିଲେ । ସେ ପୁଲିସ ନିକଟରେ ଦାଖଲ କରିଥିବା ଅଭିଯୋଗକୁ ଗ୍ରହଣ କରାଯାଇ ନଥିଲା । ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ନିଜ ସନ୍ତାନ ସହିତ ରାଉରକେଲାସ୍ଥିତ ଅଭିଭାବକଙ୍କ ଘରେ ପତ୍ନୀ ରହୁଥିବା ପୁଲିସକୁ ଅବଗତ କରିଥିଲେ । ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀ ତାଙ୍କ ପତ୍ନୀଙ୍କୁ ବେଆଇନ ଅଟକ ନେଇ କରିଥିବା ଅଭିଯୋଗ ଅମୂଳକ ଓ ଦାମ୍ପତ୍ୟ ବିବାଦ ପାଇଁ ଏପରି ଆବେଦନ ଦାୟର କରାଯାଇଛି । ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।







ଭୁବନେଶ୍ୱର : ଏଫ୍ଏମ୍ କଲେଜ୍ ଛାତ୍ରୀ ଆତ୍ମଦାହ ଘଟଣାର ପ୍ରତିବାଦରେ ଲୋକସେବା ଭବନ ଘେରାଉ ଅବସରରେ ବିଜେଡିର ବିକ୍ଷୋଭ ପ୍ରଦର୍ଶନ । (ଫଟୋ : ସମ୍ବାଦ କଳିକା)

## ପୁରୀ ଦଳାଚକଟା ଘଟଣା : ଚତୁର୍ଥ ପର୍ଯ୍ୟାୟରେ ୪୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

**ପୁରୀ, ୧୬ ।୭ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ସମୟରେ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ତିନିଜଣଙ୍କ ମୃତ୍ୟୁ ପରେ ଏହାକୁ ନେଇ ତଦନ୍ତ ଜାରି ରହିଛି । ଦଳାଚକଟା ଘଟଣାରେ ବୁଧବାର ପୁରୀ ସର୍କିଟ ହାଉସ ଠାରେ ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନିକଟରେ ୪୨ ଜଣ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଏବଂ ଦଳାଚକଟା ଦିନ କାର୍ଯ୍ୟରତ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଛି । ସେପଟେ ଜିଲ୍ଲା ପ୍ରଶାସନର ୪୦ ଜଣ ସରକାରୀ କର୍ମଚାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ।

**ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !**

କଟକ ପାଇଁ "ସମ୍ବାଦ କଳିକା" ଏବଂ "ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ ।

୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧

## ବୃଦ୍ଧ ବାପା ଓ ମା'ଙ୍କୁ ହାତୁଡିରେ ଛେଚି ହତ୍ୟାକଲା ମଦ୍ୟପ ପୁଅ

**ବେତନଟୀ,୧୬/୦୭ ନ୍ୟୁଜ ବ୍ୟୁରୋ**

ରକ୍ତ ସମ୍ପର୍କରେ ରକ୍ତ ଛିଟା । ପାରିବାରିକ କଳହର କରୁଣ ପରଣତି । ବୃଦ୍ଧ ବାପା ଓ ମାଆଙ୍କୁ ହାତୁଡିରେ ଛେଚି ନୃଶଂସ ଭାବରେ ହତ୍ୟା କଲା ମଦ୍ୟପ ପୁଅ । ମୟୂରଭଞ୍ଜ ଜିଲ୍ଲା ବେତନଟୀର ଧନାପାଳ ଗ୍ରାମରୁ ଏହି ଘଟଣା ସାମ୍ନାକୁ ଆସିଛି । ଅଭିଯୁକ୍ତ ଜଣକ ହିମାଂଶୁ ସାହୁ ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ଅଭିଯୁକ୍ତ ପେଶାରେ ଅଟୋ ଚାଳକ । ଘରେ ୮୫ ବର୍ଷୀୟ ବୃଦ୍ଧ ବାପା ହାଡିବନ୍ଧୁ ସାହୁ ଏବଂ ୭୮ବର୍ଷୀୟା ବୃଦ୍ଧା ମା' ଶାନ୍ତିଲତା ସାହୁ ରହୁଥିଲେ । ପାରିବାରିକ ସମସ୍ୟା ପାଇଁ ଅଭିଯୁକ୍ତ ହିମାଂଶୁଙ୍କ ସ୍ତ୍ରୀ ଏବଂ ପିଲାଛୁଆ ଦୀର୍ଘଦିନ ହେବ ସ୍ୱାମୀ ଠାରୁ ଅଲଗା ରହିଆସୁଥିଲେ । ହେଲେ ଘଟଣା ଦିନ ଅର୍ଥାତ୍ ବୁଧବାର ସକାଳେ ହିମାଂଶୁଙ୍କ ବୃଦ୍ଧା ମା'ଙ୍କ କ୍ଷତାକ୍ତ ମୃତଦେହ ଘର ଅଗଣାରେ ପଡ଼ିଥିବା ବେଳେ ହିମାଂଶୁ ସ୍ୱାଭାବିକ ଭାବରେ ଦାଣ୍ଡପିଣ୍ଡାରେ ପଡ଼ିଥିବା ପଲଙ୍କ ଉପରେ ବସିଥିଲା । ଗ୍ରାମବାସୀଙ୍କ ମନରେ ସନ୍ଦେହ ହେବାରୁ ପୁଲିସକୁ ସେମାନେ ଖବର ଦେଇଥିଲେ । ମାଣଡ୍ରୀ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅକୁ ଗିରଫ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ଖୋଦ ଜନ୍ମକଲା ପୁଅ ବୃଦ୍ଧ ବାପା, ମା'ଙ୍କୁ ଅତ୍ୟନ୍ତ ନୃଶଂସ ଭାବରେ ହାତୁଡିରେ ଛେଚି ହତ୍ୟା କରିବା ଘଟଣା ଗାଁରେ ଭୟର ବାତାବରଣ ଖେଳାଇ ଦେଇଛି । ଏଭଳି ଜଘନ୍ୟ ହତ୍ୟାରେ ବ୍ୟବହୃତ ହାତୁଡିକୁ ପୁଲିସ ଖୋଜୁଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି ।

## ଓଡ଼ିଶାରେ ମହିଳାଙ୍କ ବିରୋଧରେ ବଢୁଛି ଅପରାଧ

# ୧ ଲକ୍ଷରେ ୨୨୭ ଜଣ ଅପରାଧର ଶିକାର

**ଭୁବନେଶ୍ୱର,୧୬/୦୭ ନ୍ୟୁଜ ବ୍ୟୁରୋ**

ମହିଳାଙ୍କ ବିରୋଧରେ ଅପରାଧ ବଢ଼ିବାରେ ଲାଗିଛି । ରାଜ୍ୟରେ ପ୍ରତିଦିନ ୮୬ ଜଣ ଶିକାର ହୋଇଥିବା ଏନ୍ସିଆରବି ରିପୋର୍ଟରେ ଉଲ୍ଲେଖ ରହିଛି । ଏନ୍ସିଆରବି ରିପୋର୍ଟ କହୁଛି, ଓଡ଼ିଶାରେ ପ୍ରତି ୧ ଲକ୍ଷ ମହିଳାରେ ୨୨୭ ଜଣ ଅପରାଧର ଶିକାର ହେଉଛନ୍ତି । କେବଳ ଅସଦାଚରଣ ମାମଲାରେ ଦେଶରେ ପ୍ରଥମ ସ୍ଥାନରେ ରହିଛି ଓଡ଼ିଶା । ରାଜ୍ୟରେ ବର୍ଷକରେ ୧୪,୮୯୧ ଜଣ ଅସଦାଚରଣର ଶିକାର ହୋଇଥିଲେ । ସେହିପରି ଦ୍ୱିତୀୟ ସ୍ଥାନରେ ରହିଛି ମହାରାଷ୍ଟ୍ର । ଏଠାରେ ଗତ ବର୍ଷ ୧୦,୫୬୮ ଜଣ ଅସଦାଚରଣର ଶିକାର ହୋଇଛନ୍ତି । ତୃତୀୟ ସ୍ଥାନ ନେଇଛି ଉତ୍ତର ପ୍ରଦେଶ । ଏଠାରେ ୯,୭୦୩ ଜଣ ଶିକାର ହୋଇଛନ୍ତି । ପ୍ରତେକ ଦିନ ଦେଶରେ ୧୧୨୧ ଜଣ ମହିଳା ଅପରାଧର ଶିକାର ହେଉଛନ୍ତି । ଏହି ରିପୋର୍ଟ କହୁଛି, ୩୫୬ ଦିନରେ ଆମ ରାଜ୍ୟରେ ୩୧,୩୫୨ ଜଣ ଅପରାଧର ଶିକାର ହୋଇଛନ୍ତି । ଯଦି ଆମ ପଡ଼ୋଶୀ ପଶ୍ଚିମବଙ୍ଗ କଥା ଦେଖିବା ତା'ହେଲେ ୪୮୧.୨ ଲକ୍ଷ ମହିଳା ଅଛନ୍ତି । ପ୍ରତି ଏକ ଲକ୍ଷ ମହିଳାରେ ମାତ୍ର ୭୪ ଜଣ ମହିଳା ଅପରାଧର ଶିକାର ହେଉଛନ୍ତି । ଆନ୍ଧ୍ରରେ ପ୍ରତି ଲକ୍ଷରେ



ମାତ୍ର ୬୭ ଜଣ, ବିହାରରେ ଏକ ଲକ୍ଷରେ ମାତ୍ର ୩୦ ଜଣ । ମଧ୍ୟପ୍ରଦେଶରେ ପ୍ରତି ୧ ଲକ୍ଷରେ ମାତ୍ର ୭୪ ଜଣ ଅପରାଧର ଶିକାର ହେଉଛନ୍ତି । ଓଡିଶାରେ ମହିଳା ବିରୋଧୀ ଅପରାଧ ମାମଲାରେ ଚାର୍ଜସିଟ୍ ହାର ୮୦.୧% ରହିଥିଲା । ଆସାମରେ ଚାର୍ଜସିଟ୍ ହାର ୫୨.୯% ଥିଲା । ଅପରପକ୍ଷେ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଏବଂ ଛତିଶଗଡ ଭଳି ରାଜ୍ୟରେ ଯଥାକ୍ରମେ ୯୩.୭%, ୯୩.୫%, ୯୩.୫% ଏବଂ ୮୮.୫ % ଚାର୍ଜସିଟ୍ ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ପରେ ମହିଳାଙ୍କୁ ହତ୍ୟା କରିବାରେ ଓଡ଼ିଶା ୮ ନମ୍ବର । ଓଡ଼ିଶାରେ ୧୨ଟି ଘଟଣାରେ ୧୨ ଜଣ ମହିଳାଙ୍କ ଜୀବନ ଯାଇଛି । ପ୍ରଥମ ସ୍ଥାନରେ ରହିଛି ଉତ୍ତର ପ୍ରଦେଶ । ଏହି ରାଜ୍ୟରେ ୪୮ଟି ଘଟଣା ଘଟିଛି । ଦ୍ୱିତୀୟ ସ୍ଥାନରେ ଆସାମରେ ୪୬ ଟି, ତୃତୀୟରେ ରହିଛି ମଧ୍ୟପ୍ରଦେଶ ୩୫ ଟି, ଚତୁର୍ଥ ସ୍ଥାନରେ ମହାରାଷ୍ଟ୍ର ୨୩ । ଯୌତୁକ ନିର୍ଯାତନା ବି ହୁ ହୁ ହୋଇ ବଢ଼ିବାରେ ଲାଗିଛି । ୨୦୨୧ରେ ୫୪୮୮ ଜଣ ଯୌତୁକ ନିର୍ଯାତନାର ଶିକାର ହୋଇଥିଲେ । ଯୌତୁକ ନିର୍ଯାତନା ପାଇଁ ପ୍ରାୟ ୨୯୩ ଜଣ ମହିଳାଙ୍କୁ ହତ୍ୟା କରାଯାଇଛି । ଯୌତୁକ ଜନିତ ହତ୍ୟାରେ ଦେଶରେ ଓଡ଼ିଶା ସପ୍ତମ ସ୍ଥାନରେ ରହିଛି । ଏସିଡ୍ ଆକ୍ରମଣରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି । ଗତ ରିପୋର୍ଟରେ ଉଲ୍ଲେଖ ଥିଲା ରାଜ୍ୟରେ ୩ ଜଣ ମହିଳା ଏସିଡ୍ ଆକ୍ରମଣରେ ଶିକାର ହୋଇଥିଲେ । ତେବେ ପଶ୍ଚିମବଙ୍ଗ ପ୍ରଥମ ସ୍ଥାନରେ ରହିଛି । ସେଠାରେ ୩୦ ଜଣ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଉତ୍ତରପ୍ରଦେଶ ରହିଛି । ବର୍ଷକରେ ୫୧୭୮ ମହିଳାଙ୍କୁ ଅପହରଣ କରାଯାଇଥିବା ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ତା'ଛଡା ୨୧୫ ଜଣଙ୍କୁ ଅପହରଣ କରି ବଳପୂର୍ବକ ବିବାହ କରିଥିବା ନେଇ ମାମଲା ରୁଜୁ ହୋଇଥିଲା । ୫୦ ଜଣ ନାବାଳିକା ମଧ୍ୟ ବଳପୂର୍ବକ ବିବାହର ଶିକାର ହୋଇଥିଲେ । ୯୬ ଜଣ ମହିଳାଙ୍କୁ ଚାଲାଣ କରାଯାଇଥିଲା ।

DSPL-176

**ରାଷ୍ଟ୍ରୀୟ 'ଟେଲି ମାନସ' ସହାୟତା**
**ଆପଣଙ୍କ ସେବାରେ**

ଉପଲବ୍ଧ ପରାମର୍ଶ ସେବା :

- ମାନସିକ, ସ୍ନାୟୁବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ ।
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ ।
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ ।
- ମାନସିକ ଉପର ବଶବର୍ତ୍ତୀ ହେଉଥିଲେ ନିଃଶୁଳ୍କ ନଂ. ୧୪୪୧୬ ଅଥବା ୧୮୦୦-୮୯-୧୪୪୧୬ ରେ ପରାମର୍ଶ କରନ୍ତୁ ।

ମହିଳା ସହାୟତା କେନ୍ଦ୍ର ୧୮୧
ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ ।

OIPR-10003/13/0237/2526

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର